## ଉତ୍ତର ଚିଲିକା ଉପରେ ଶିକାରୀଙ୍କ ନଜର

# ସୁରକ୍ଷା ଢିଲା; ବଢୁଛି ପକ୍ଷୀ ଶିକାର

କଣାସ,୧୭।୧(ସମିସ)

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ହଜାର ହଜାର ମାଇଲ ଦୂରରୁ ଉଡ଼ି ଆସିଥିବା ବିଦେଶୀ ପକ୍ଷୀଙ୍କ କଳରବରେ ମୁଖରିତ ହୋଇଉଠିଛି ମରାଳ ମାଳିନୀ ନୀଳାମ୍ବୁ ଚିଲିକା। ଶୀତ ବଢ଼ିବା ସାଙ୍ଗକୁ ଚିଲିକାରେ ବିଦେଶୀ ପକ୍ଷୀଙ୍କ ସମାଗମ ମଧ୍ୟ ବଢ଼ିଛି। ତେବେ ଗତ କିଛି ବର୍ଷ ହେଲା ଚିଲିକାର ଉତ୍ତର ଭାଗରେ ଅପେକ୍ଷାକୃତ ଅଧିକ ପକ୍ଷୀଙ୍କୁ ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଏହି ଅଞ୍ଚଳରେ ପକ୍ଷୀ ଶିକାରୀମାନେ ମଧ୍ୟ ସକ୍ରିୟ ହେଉଥିବା ଜଣାପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳରେ ପକ୍ଷୀଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ପକ୍ଷୀପ୍ରେମୀମାନେ ଦାବି କରିଛନ୍ତି।

ହଜାର ହଜାର ମାଇଲ ଦୂର କାଜକସ୍ଥାନ, ଆଫଗାନିସ୍ଥାନ, ସାଇବେରିଆ, ମାଲେସିଆ ଆଦି ଅଞ୍ଚଳରୁ ଏଠାକୁ ଆସୁଥିବା ପକ୍ଷୀ ଚିଲିକାର ସୌନ୍ଦର୍ଯ୍ୟ ବଢାଇବା ସହିତ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାନ୍ତି। କିନ୍ତୁ ପକ୍ଷୀ ଶିକାର ସର୍ବଦା ଏକ ସମ୍ବେଦନଶୀଳ ପ୍ରସଙ୍ଗ ଭାବେ ରହିଆସିଛି। ଉତ୍ତର ଚିଲିକାର ବିଶେଷ କରି ଦୟା ମୁହାଁଣ ଓ ମକରା ମୁହାଁଣରେ ଏବେ ପକ୍ଷୀଙ୍କ ସମାଗମ ବଢିଛି। ଏହାକୁ ଦେଖି ଚିଲିକାର ଉତ୍ତର ନାଶିରେ ଥିବା ଗ୍ରାମଗୁଡିକର ଶିକାରୀଙ୍କ କାର୍ଯ୍ୟକଳାପ ମଧ୍ୟ ବଢିଛି। ଚିଲିକା କୂଳରେ ପକ୍ଷୀ ଶିକାର ବହୁଳଭାବରେ ଘଟୁଥିଲେ ହେଁ ଏହା ଉପରେ ରୋକ ଲଗାଇବାକୁ ସେଭଳି ପ୍ରଶାସନିକ ପଦକ୍ଷେପ ନିଆଯାଇ ପାରୁନାହିଁ। ପ୍ରକୃତରେ ଚିଲିକା ପକ୍ଷୀ କେତେ ସୁରକ୍ଷିତ ସେ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ତେବେ ଚିଲିକାରେ ଦିଆଯାଉଥିବା ସୁରକ୍ଷା ବ୍ୟବସ୍ଥା ସବୁ ସ୍ଥାନରେ ଉପଲବ୍ଧ ହେଉନଥିବାରୁ ଶିକାରୀମାନେ ସେମାନଙ୍କର ନିରାପଦ ସ୍ଥାନ ବାଛି ନେଇ ପକ୍ଷୀ ଶିକାରରେ ମାତିଛନ୍ତି। ନଳବଣ, ଦୟା ଓ ମକରା ମୁହାଁଣ ଉତ୍ତର ନାଶିରେ ଏବେ ବହୁ ସଂଖ୍ୟାରେ ବିଦେଶୀ ପକ୍ଷୀଙ୍କ ଆଗମନ ଲାଗିଛି। ନଳବଣ ଚିଲିକାରେ ପକ୍ଷୀ ଅଭୟାରଣ୍ୟ ହୋଇଥିଲେ ମଧ୍ୟ ସେଠାରେ ଖାଦ୍ୟ



ଅଭାବ ଯୋଗୁଁ ବହୁ ପକ୍ଷୀ ଉତ୍ତର ନାଶିକୁ ଚାଲି ଆସୁଛନ୍ତି। ଏହି ଅଞ୍ଚଳରେ ବହୁଳ ପରିମାଣରେ କଲିକତି ଦଳ ଓ କଇଁଫୁଲ

### ଅସ୍ଥାୟୀ ସୁରକ୍ଷା କେନ୍ଦ୍ର ଖୋଲିବା ପାଇଁ ଦାବି

ହୋଇଥିବାରୁ ପକ୍ଷୀମାନେ ଏଠାକୁ ଆକର୍ଷିତ ହେଉଛନ୍ତି। ତେବେ ସୁରକ୍ଷା ବ୍ୟବସ୍ଥା ନଳବଣ, ବାଲୁଗାଁ, କାଳୁପଡା, ଭୂଷଣ୍ଡପୁର ଓ ଚିଲିକା ମଝିରେ ଥିଲେ ମଧ୍ୟ ଉତ୍ତର ନାଶିରେ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ନାହିଁ। ମାତ୍ର କାଁ ଭାଁ ସ୍ଥାନରେ ତିନୋଟି ଜଗୁଆଳୀ କେନ୍ଦ୍ରରେ ସ୍ୱଳ୍ପ କର୍ମଚାରୀ ଥିବା ସ୍ଥଳେ ପକ୍ଷୀଙ୍କ ସୁରକ୍ଷା କେମିତି ହୋଇପାରିବ ସେନେଇ ସନ୍ଦେହ ରହିଛି। ଦୟା ଓ ମକରା ନଦୀ ମୁହାଁଣ ଉତ୍ତର ନାଶିରେ ଶିକାରୀଙ୍କୁ ସୁହାଉଛି। ଏହି ଅଞ୍ଚଳର ମକରା ମୁହାଁଣ ଲୁଣିଆପଦର ମୌଜାର ପାଇକମରା ଘେରି ଓ କାଳିଆକୁଦାରେ ତିନୋଟି ଅସ୍ଥାୟୀ ପକ୍ଷୀ ସୁରକ୍ଷା କେନ୍ଦ୍ର ଖୋଲିବା ପାଇଁ ପକ୍ଷୀ ପ୍ରମୀମାନେ ଦାବି କରିଛନ୍ତି। ପ୍ରତିଦିନ ଏହି ଅଞ୍ଚଳରେ ବେଦେଶୀ ପକ୍ଷୀ ଧାନ ବିଲରେ ଜମିବାରୁ ଶହ ଶହ ପକ୍ଷୀଙ୍କୁ ଶିକାର କରାଯାଉଥିବା ସୂଚନା ମିଳିଛି। ଶିକାରୀମାନେ ନୂଆ ନୂଆ କୌଶଳରେ ପକ୍ଷୀ ଶିକାର କରୁଛନ୍ତି। ଉତ୍ତର ଚିଲିକାର ଜଗଦଳ, ତଳମାଳ, ବଡଗୋଠ, ନଇମୁହଁ, ଗୋପୀନାଥପୁର, ପାଇକମରାଠାରୁ ଦୋଛିଆଁ, ଆଳିପଡା, ନୂଆଗାଁ, ଦେଇପୁର, ଗଡଖାରଦ, ଆଳିପଡା ନଦୀର ବା ପୋଲିଆ ଇଲାକାରେ ବିଦେଶାଗତ ପକ୍ଷୀଙ୍କ ଶିକାର ରୋକିବା ଦିଗରେ ବିଭାଗ ତରଫରୁ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଏହାକୁ ଆହୁରି କଡ଼ାକଡ଼ି କରିବା ପାଇଁ ଦାବି ହେଉଛି। କେତେକ ପକ୍ଷୀ ମାଫିଆ ସାଙ୍ଗରେ ମାରଣାସ୍ତ୍ର ବ୍ୟବହାର କରୁଥିବାରୁ ପକ୍ଷୀ ସୁରକ୍ଷା କେନ୍ଦ୍ରରେ ଥିବା ସାଧାରଣ କର୍ମଚାରୀ କେତେଦୂର ସେମାନଙ୍କୁ ସାମ୍ନା କରିପାରିବେ ତାହା ମଧ୍ୟ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି



ନିମାପଡ଼ା,୧୭।୧(ସମିସ): ନିମାପଡା ବ୍ଲକ ଅନ୍ତୁଆର ପଞ୍ଚାୟତ ଅନ୍ତର୍ଗତ ମହାପାତ୍ର ସାହିର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଦୀର୍ଘ ୫ବର୍ଷ ତଳେ ଉକ୍ତ ଗ୍ରାମକୁ ଏକ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲା। ତେବେ ଉକ୍ତ ରାସ୍ତାଟି ଫାଟି ଦବିଯିବା ସହିତ ବିଭିନ୍ନ ସ୍ଥାନରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଛି। କଂକ୍ରିଟ ରାସ୍ତା ଉପରେ ଅନାବନା ଗଛ ଓ ମାଟି ଚଢିଯାଇଛି। ଗ୍ରାମବାସୀ ରାସ୍ତାରେ ଚାଲିକରି କିମ୍ବା ଯାନବାହନ ନେଇ ଯାତାୟାତ କରିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜରୁରୀକାଳୀନ ସେବା ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡି ସାହିକୁ ଯାଇ ପାରୁନାହିଁ। ରାସ୍ତା ଅବସ୍ଥା ଖରାପ ନେଇ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗ୍ରାମର ସତ୍ୟବାଦୀ ମହାପାତ୍ର, ମନମୋହନ ନାୟକ, ସର୍ବେଶ୍ୱର ନାୟକ, ଧନେଶ୍ୱର ନାୟକ, ନିରଞ୍ଜନ ନାୟକ, ବୈକୁଣ୍ଠ ନାୟକ ପ୍ରମୁଖ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଉଚ୍ଛୁପୁର ପଞ୍ଚାୟତରେ ଖୋଲିଲା ଧାନମଣ୍ଡି



ବଲଙ୍ଗା,୧୭।୧(ସମିସ): ବଲଙ୍ଗା ଥାନା ଅନ୍ତର୍ଗତ ଉଚ୍ଛୁପୁର ପଞ୍ଚାୟତର ଉଚ୍ଛୁପୁର ସେବା ସମବାୟ ସମିତିରେ ଆଜି ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ରୂପେ ଉଚ୍ଛୁପୁର ସେବା ସମବାୟ ସମିତିର ସଭାପତି ଦେବେନ୍ଦ୍ର ପ୍ରଧାନ, ସମ୍ପାଦିକା ସୌଦାମିନୀ ପ୍ରଧାନ, ସରପଞ୍ଚ ସୁରେଶ ମଙ୍ଗରାଜ, ପରିଚାଳନା କମିଟିର ସଭ୍ୟ ପ୍ରସନ୍ନ କୁମାର ଦାଶ, ଜୟଦେବ ମହାପାତ୍ର, ତ୍ରିନାଥ ମଲ୍ଲିକ, ସୁଦର୍ଶନ ସ୍ୱାଇଁ, କର୍ମଚାରୀ ବିକାଶ ପ୍ରଧାନ, କୃଷ୍ଣଚନ୍ଦ୍ର ଜେନା, କାଶୀନାଥ ମୁଦୁଲି, ସରୋଜ କୁମାର ସାହୁ ଓ ପଞ୍ଚାୟତ କୃଷି ଅଧିକାରୀ ବିପିନ ବିହାରୀ ସାହୁ, ଧାନମଣ୍ଡି ନୋଡାଲ ଅଫିସର ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର ପ୍ରଧାନ, ଜ୍ୟୋତିର୍ମୟୀ ପୃଷ୍ଟି ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ପଞ୍ଜିକୃତ ୧୬ ଜଣ ଚାଷୀଙ୍କ ସହଯୋଗରେ ଧାନ ମଣ୍ଡିରେ ପ୍ରଦାନ କରିଥିଲେ। ମିଶ୍ର ଫୁଡ୍ ପ୍ରଡକ୍ଟ, ପୁରୀ ଚାଷୀଙ୍କଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ପାଞ୍ଚ ଶହ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିଲେ।

## ଭାଟବନ୍ଧ ହାଇସ୍କୁଲ ୧୯୮୨ ବ୍ୟାଚ୍‌ର ବନ୍ଧୁମିଳନ



ନିମାପଡା,୧୭।୧(ସମିସ): ନିମାପଡା ବ୍ଲକ ଅନ୍ତର୍ଗତ ଭାଟବନ୍ଧ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ୧୯୮୨ ମାଟ୍ରିକ୍ ଛାତ୍ରଛାତ୍ରୀଙ୍କ ପ୍ରଥମ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନଶିକ୍ଷକ ବ୍ରଜ କିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ଶିକ୍ଷକ ହରେକୃଷ୍ଣ ରଥ ମୁଖ୍ୟଅତିଥି, ପ୍ରାକ୍ତନ ଶିକ୍ଷକ ସଦର ଅଲ୍ଲୀ ଖାନ ମୁଖ୍ୟବକ୍ତା ଓ ପ୍ରାକ୍ତନ ଶିକ୍ଷକ କ୍ଷେତ୍ରମୋହନ ଦୀକ୍ଷିତ ଏବଂ ଲକ୍ଷ୍ମୀଧର ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ କର୍ମଚାରୀ ଘନଶ୍ୟାମ ବାରିକ, ଅରୁଣ କୁମାର ମିଶ୍ର ତଥା ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀ ମାନଙ୍କ ତରଫରୁ ସମସ୍ତ ପ୍ରାକ୍ତନ ଶିକ୍ଷକ ଓ ଶିକ୍ଷୟତ୍ରୀ ତଥା ଅନ୍ୟ କର୍ମଚାରୀମାନଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପ୍ରଶିକ୍ଷଣ

ନିମାପଡା,୧୭।୧(ସମିସ): ରାଜ୍ୟ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ବାଳିକା ଆତ୍ମରକ୍ଷା ତାଲିମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେଅନୁଷ୍ଠିତହୋଇଯାଇଅଛି। ଏହି ତାଲିମ କାର୍ଯ୍ୟକ୍ରମରେ ପ୍ରଶିକ୍ଷିକା ସୁଶ୍ରୀ ଲିଜା ପ୍ରଧାନ ଏବଂ ମନସ୍ୱିନୀ ପରିଡା ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ ପ୍ରୟୋଗାତ୍ମକ ଶାରୀରିକ କୌଶଳ ପ୍ରଦାନ କରିଥଲେ। ଉଦଯାପନୀ ଉତ୍ସବରେ ଅନୁଷ୍ଠାନର ଅଧକ୍ଷା ସ୍ୱର୍ଣ୍ଣଲତା ସେନାପତି, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ ଶାଖା ପରିଚାଳକ ଦୀପକ ରଂଜନ ବେହେରା, ଅଧ୍ୟାପିକା ସୌଦାମିନୀ ପୁଷ୍ପାଳକ, ସବିତା ଜେନା, ଅଧ୍ୟାପକ ଅରବିନ୍ଦ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୩୧୩ଜଣ ଛାତ୍ରୀ ପ୍ରଶିକ୍ଷଣ ଶିକ୍ଷା ଆହରଣ କରିଥିଲେ।

## ମାଧବାନନ୍ଦଙ୍କ ଭୌମ ଏକାଦଶୀ ଉତ୍ସବ ପାଇଁ ପ୍ରସ୍ତୁତି



ଚାରିଛକ,୧୭।୧(ସମିସ): ଚାରିଛକ ନିକଟସ୍ଥ ମାଧବସ୍ଥିତ ମାଧବାନନ୍ଦଜୀୟୁଙ୍କ ମାଘ ମାସ ଭୌମ ଏକାଦଶୀ ବାର୍ଷିକ ଉତ୍ସବ ପାଇଁ ମାଧବାନନ୍ଦ ଜିୟୁଙ୍କ ଟ୍ରଷ୍ଟି ପ୍ରଶାନ୍ତ କୁମାର ଦେବ ଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀ ଭାବେ ନିଆଳି ତହସିଲଦାର ଲିଳନ ସାହୁ, ନିଆଳି ବିଡିଓ ଜଗଦୀଶ ଷଡ଼ଙ୍ଗୀ ଓ ନିଆଳି ଥାନା ଏଏସଆଇ ସଂଗ୍ରାମ ସିଂ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ମାଧବାନନ୍ଦ ଜିୟୁଙ୍କ ମାଘ ମାସ ବଡ଼ ଭୌମ ଏକାଦଶୀରେ ହେବାକୁ ଥିବା ଉତ୍ସବ ପାଇଁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ମନ୍ଦିରର ମରାମତି ସହିତ ରଙ୍ଗ କାର୍ଯ୍ୟ, ଜିୟୁଙ୍କ ନୀତି ପୂଜା ସହିତ ମନ୍ଦିରର ବିଭିନ୍ନ ପୂଜାକାର୍ଯ୍ୟ, ସୁରକ୍ଷା ବ୍ୟବସ୍ଥା ପାଇଁ ଏକ ୧୨ ଜଣିଆ ଉପଦେଷ୍ଟା କମିଟି ଗଢାଯାଇଥିଲା। କିଭଳି ଚଳିତ ବର୍ଷ ଶାନ୍ତିଶୃଙ୍ଖଳାରେ ଭୌମ ଏକାଦଶୀ କାର୍ଯ୍ୟ ସମ୍ପାଦନ ହେବ ସେନେଇ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ସ୍ଥାନୀୟ ବିଶ୍ୱକଲ୍ୟାଣ ପୁଷ୍ପାଳକ ସରପଞ୍ଚ ବାବୁରାମ ମଲ୍ଲିକ, ଭାସ୍କର ପୁଷ୍ପାଳକ, ତ୍ରିଲୋଚନ ପୁଷ୍ପାଳକ, ପୂର୍ଣ୍ଣଚନ୍ଦ୍ର ପୁଷ୍ପାଳକଙ୍କ ସମେତ ବରିଷ୍ଠ ସେବାୟକ, ଯାଦବ ସେବାୟକ ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ଥିଲେ। ଟ୍ରଷ୍ଟର ଉପଦେଷ୍ଟା ରାମକୃଷ୍ଣ ମହାପାତ୍ର ଧନ୍ୟବାଦ ଜଣାଇଥିଲେ।

## ଆତ୍ମରକ୍ଷା ତାଲିମ ଶିବିର

ଗୋପ,୧୭।୧,(ସମିସ): ଗୋପ ବ୍ଲକ୍ ଅଧିନ ବାଲିଘାଇ ସ୍ଥିତ ବେଲେଶ୍ୱର ଗୋପୀନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୮ ଦିନ ଧରି ଚାଲିଥିବା +୨ କଳା, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାର ପ୍ରଥମ ବର୍ଷର ୭୪ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀମାନଙ୍କୁ ନିଜର ଆତ୍ମରକ୍ଷା ସଂପର୍କରେ ଜୟଶ୍ରୀ ପ୍ରିୟଦର୍ଶିନୀ ଦଳବେହେରା ଓ ଜିତେନ୍ଦ୍ର କାନୁନ୍‌ଗୋ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିବାବେଳେ ତାଲିମର ଉଦ୍ଦେଶ୍ୟ ଏବଂ ଏହାର ଉପକାରିତା ସଂପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନା କରିଥିଲେ। ଏହି ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ସହ ଅଧ୍ୟାପକ ଡ଼ଃ. ଦୁଷ୍ମନ୍ତ ଜେନା, ଇଂରାଜୀ ବିଭାଗର ରାମଚନ୍ଦ୍ର ପାଣିଗ୍ରାହୀ, ପ୍ରକାଶ ଚନ୍ଦ୍ର ରାଉତରାୟ, ଅକ୍ଷୟ କୁମାର ପରିଡ଼ା, ସୁନିଲ କୁମାର ଦାଶ, ପ୍ରସନ୍ନ କୁମାର ସ୍ୱାଇଁ, ଅନନ୍ତ ଚରଣ ବାରିକ, ନିରଞ୍ଜନ ମୁଦୁଲି, ସୂର୍ଯ୍ୟକାନ୍ତ ଓଝା, ମୃଣାଳିନୀକାନ୍ତି ବିଶ୍ୱାଳ, ସୁଧାଂଶୁବାଳା ମିଶ୍ର, ନରେନ୍ଦ୍ର କୁମାର ଜେନା, ଜିତେନ୍ଦ୍ର କାନୁନ୍‌ଗୋ, ଦେବେନ୍ଦ୍ର ନାଥ ପ୍ରଧାନ, ପ୍ରଭାତ ରାଉତରାୟ, ମନୋଜ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## 'ଏ-୧' ଆଶାୟୀ ଛାତ୍ରଛାତ୍ରୀଙ୍କ କର୍ମଶାଳା

କାକଟପୁର,୧୭।୧(ସମିସ): କାକଟପୁର ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା ୨୪ଟି ହାଇସ୍କୁଲରୁ ୧୧୩ ଜଣ ଛାତ୍ରଛାତ୍ରୀ ଆଗାମୀ ମାଟ୍ରିକ ପରୀକ୍ଷାରେ 'ଏ-୧' ଗ୍ରେଡ୍ ପାଇବା ପାଇଁ ଏକ ଦୁଇଦିନିଆ କର୍ମଶାଳାରେ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା ପୁରୀ ସହାୟତାରେ ବୀରଭଦ୍ର ନୋଡାଲ ବିଦ୍ୟାପୀଠ, ବାଙ୍ଗୁରୀଗାଁଠାରେ ଅନୁଷ୍ଠିତ କର୍ମଶାଳାରେ ବ୍ଲକ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଜେନା, ଅବସରପ୍ରାପ୍ତ ସହ ଶିକ୍ଷାଧିକାରିଣୀ ପଙ୍କଜିନୀ ଦେଇ, ନୋଡାଲ ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ରଥ, ବୀରଭଦ୍ର ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଜେନା, ସିଆରସି ରଞ୍ଜନ କୁମାର ବେହେରାଙ୍କ ସହିତ ଅନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଜିଲ୍ଲା ଓ ବ୍ଲକସ୍ତରୀୟ ବିଷୟ ଭିତ୍ତିକ ପ୍ରବୀଣ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଉପସ୍ଥିତିରେ ଦୁଇଦିନିଆ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ମ୍ୟାଟ୍ରିକ୍ ଛାତ୍ରଛାତ୍ରୀଙ୍କ ବିଭିନ୍ନ ବିଷୟରେ ଥିବା ସନ୍ଦେହମୋଚନ ସହିତ 'ଏ-୧' ଗ୍ରେଡ୍ ପାଇବା ପାଇଁ ପାଠପଢ଼ାରେ ଉନ୍ନତି କରାଇବା ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ ବୋଲି ବ୍ଲକ ଶିକ୍ଷାଧିକାରୀ ପ୍ରକାଶ କରିଥିଲେ।

■ କଣାସରେ ପୁଣି ବ୍ୟାପିଲା ଝାଡ଼ାବାନ୍ତି

## ୧୦ ଆକ୍ରାନ୍ତ; ଦୂଷିତ ଜଳ ମୁଖ୍ୟ କାରଣ

କଣାସ,୧୭।୧(ସମିସ): କଣାସ ବ୍ଲକ ଗଡ଼ିଶାଗୋଦା ଗ୍ରାମପଞ୍ଚାୟତର ନୂଆଗାଁ ଗ୍ରାମରେ ୧୫ ଦିନ ହେଲା ଝାଡ଼ାବାନ୍ତି ଲାଗି ରହିଥିବା ବେଳେ ପାଖ ଗ୍ରାମର ଜାଗୁଲେଇପଦର, ଗଡିଶାଗୋଦା, ହରିପୁର ଗ୍ରାମରେ ୫ଦିନ ହେଲା ଝାଡାବାନ୍ତି ବ୍ୟାପିଛି। ଆଜି ପାଖ ଗ୍ରାମର ଗୋପୀନାଥପୁର, କଳାପଦର, ଯାମଳଗୋଦା, ନୂଆଗାଁ ଗ୍ରାମରେ ୧୦ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଗୋପୀନାଥପୁର ଗ୍ରାମର ବାସନ୍ତୀ ପ୍ରଧାନ (୫୮), ବନମାଳି ଦାସ (୪୦), କଳାପଦର ଗ୍ରାମର ପ୍ରଭାକର ଜେନା (୬୦), ବୋଇତ ଜେନା (୬୮), ନୂଆଗାଁ ଗ୍ରାମର ବିଜର ରାଉତରା (୪୨), ଜୟକୃଷ୍ଣ ରାଉତରା (୬୩), ପ୍ରମିଳା ସାହୁ (୬୬) ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ଓ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଯାମଳଗୋଦା ଗ୍ରାମରେ ମଧ୍ୟ ଝାଡାବାନ୍ତିରେ କିଛି ବ୍ୟକ୍ତି ଆକ୍ରାନ୍ତ ହୋଇଥିବା ଖବର ମିଳିଛି। ପାନୀୟଜଳ ସମସ୍ୟାକୁ ନେଇ ଝାଡାବାନ୍ତି ଲାଗିରହିଥିବା ବେଳେ ବିଡିଓ ନାରାୟଣ ସାହୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦୁଇଦିନ ହେଲା ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ଚାଲିଥିଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ ବୋଲି ନୂଆଗାଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନଦୀ ଆଖପାଖ ଗ୍ରାମବାସୀ ଦୟାନଦୀର ଦୂଷିତ ଜଳକୁ ବ୍ୟବହାର ନ କରିବା ପାଇଁ ବିଡିଓ ଶ୍ରୀ ସାହୁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

## କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଭିତ୍ତିଭୂମି ପରଖିଲା କାୟାକଳ୍ପ ଟିମ୍

କୃଷ୍ଣପ୍ରସାଦ,୧୭।୧(ସମିସ):



ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡ. ପରେଶ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଆସିଥିବା କାୟାକଳ୍ପ ଟିମ୍ ଶୁକ୍ରବାର କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ବିଭାଗର କୋଠରୀ ସହ ଅସ୍ତ୍ରୋପଚାର ଗୃହ, ଲେବର ରୁମ, ରୋଗୀଶଯ୍ୟା, ସୁରକ୍ଷା ପାଚେରି, ଅଳିଆ ଆବର୍ଜନା କୁଣ୍ଡ, ନିରାମୟ ଏବଂ ଡ୍ରେନେଜ ବ୍ୟବସ୍ଥା ନିରୀକ୍ଷଣ କରିଥିଲେ। ସୂଚନାଯୋଗ୍ୟ ୨୦୧୫ରୁ ରାଜ୍ୟ ସରକାର ଭିତ୍ତିଭୂମି ଏବଂ ପରିମଳ ବ୍ୟବସ୍ଥାକୁ ଅନୁଧ୍ୟାନ କରି ଡାକ୍ତରଖାନାଗୁଡ଼ିକୁ ପୁରସ୍କାର ରାଶି ଦେବାର ବ୍ୟବସ୍ଥା କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସ୍ୱତନ୍ତ୍ର ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିକୁ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରୁଛନ୍ତି।

କାୟାକଳ୍ପ ଟିମ୍‌ର ଗସ୍ତକୁ ଆଖି ଆଗରେ ରଖି ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ହର୍ବାଲ ଗାର୍ଡେନ, ରୋଗୀଶଯ୍ୟା, କାନ୍ଥକୁ ପରିଷ୍କାର କରାଯିବା ସହିତ ବିଭିନ୍ନ ରଙ୍ଗରେ ଚିତ୍ରିତ କରି ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ଟିମ୍ ସଦସ୍ୟ ମାନେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ବିଭାଗକୁ ଅନୁଧ୍ୟାନ କରି ଖୁସିବ୍ୟକ୍ତ କରିବା ସହିତ ପୁରୀ ଜିଲ୍ଲାର ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ଦେଖି ସାରିବା ପରେ କେଉଁଟି ଉନ୍ନତମାନର ଜଣାପଡିବ ବୋଲି କହିଛନ୍ତି। ସାଧାରଣତଃ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ, ରୋଗୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଲେ ଡାକ୍ତରଖାନା ପରିବେଶ ସ୍ୱଚ୍ଛ, ସୁନ୍ଦର ଏବଂ ସବୁଜିମାରେ ପରିଣତ ହେବ ବୋଲି ଟିମ୍‌ର ସଦସ୍ୟମାନେ ସୂଚନା ଦେଇଥିଲେ। ଚଳିତ ବର୍ଷ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ବିଭିନ୍ନ ବିଭାଗରେ ଉନ୍ନତମାନର କାର୍ଯ୍ୟ କରିବା ସହିତ ପରିବେଶକୁ ଉନ୍ନତ କରିଛନ୍ତି ବୋଲି କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ. ନବ କିଶୋର କର ପ୍ରକାଶ କରିଛନ୍ତି। ଏହି କାୟାକଳ୍ପ ଟିମ୍ ସଦସ୍ୟ ଡ. ପରେଶ ଚନ୍ଦ୍ର ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ପରାମର୍ଶଦାତା ମାନସ କୁମାର ଖର, ୟୁନିସେଫ ସଂଯୋଜକ ହେମନ୍ତ କୁମାର ଦାସ, ଜିଲ୍ଲା କାର୍ଯ୍ୟନିର୍ବାହୀ ଅଧିକାରୀ ଟି ନାରାୟଣ ରାଓ, ଜିଲ୍ଲା ଖାତା ପରିଚାଳକ ବିଜୟ କୁମାର ନାୟକ ପ୍ରମୁଖ ପରିଦର୍ଶନ କରିଥିଲେ। କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ. ନବ କିଶୋର କର, ଡ. ସୁଜ୍ଞାନୀ ମହାରଣା, ଡ. ଅମୀୟ କୁମାର ନାୟକ, ବ୍ଲକ ଖାତା ପରିଚାଳକ ସଂଜୀତ କୁମାର ସୁନ୍ଦରାୟ, ଫାର୍ମାସିଷ୍ଟ ଶ୍ୟାମସୁନ୍ଦର ନାୟକଙ୍କ ସମେତ ଚିକିତ୍ସାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

● ଖୋଲିଲା ବନ୍ତୀଳ ଧାନମଣ୍ଡି

## ପ୍ରଥମ ଦିନରେ ଉଠିଲା ୬୨୫ କ୍ୱିଣ୍ଟାଲ ଧାନ



ଅସ୍ତରଙ୍ଗ,୧୭।୧(ସମିସ): ଅସ୍ତରଙ୍ଗ ସେବା ସମବାୟ ସମିତି ଅଧୀନସ୍ଥ ବନ୍ତୀଳ ସମିତିରେ ରବିବାର ଧାନମଣ୍ଡି ଖୋଲିଛି। ପ୍ରଥମ ଦିନରେ ୬୨୫ କ୍ୱିଣ୍ଟାଲ ଧାନ ଚାଷୀଙ୍କଠାରୁ କିଣା ଯାଇଛି। ମଣ୍ଡିରେ ଧାନ ଦେଲା ବେଳେ ଚାଷୀଙ୍କର ଯେପରି କୌଣସି ସମାସ୍ୟ ନହେବ ଏବଂ ମଣ୍ଡିରେ ସ୍ୱଚ୍ଛତା ଅବଲମ୍ବନ କରାଯିବ ସେଥିପ୍ରତି ଧାନ ଦେବାକୁ ବୋର୍ଡ ଡାଇରେକ୍ଟର କୁଞ୍ଜ ବିହାରୀ ପ୍ରଧାନ ସମ୍ପାଦକ ହିମାଂଶୁ ଶେଖର ପରିଡ଼ାଙ୍କୁ ପରାମର୍ଶ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଡାଇରେକ୍ଟର ଶ୍ରୀ ପ୍ରଧାନଙ୍କ ସହିତ ସଭାପତି ମନୋରଞ୍ଜନ ପ୍ରଧାନ, ନୋଡାଲ ଅଧିକାରୀ ଅନ୍ନପୂର୍ଣ୍ଣା ସେନାପତି, ଆର୍‌ଏମସି ଅନୁ ପାତ୍ର, ମାନ ନିର୍ଦ୍ଧାରକ ବିନୟ କୁମାର ବିଶ୍ୱାଳ, ସମ୍ପାଦକ ହିମାଂଶୁ ଶେଖର ପରିଡା, ଚାଷୀ ଦୁର୍ଯ୍ୟୋଧନ ଓଝା, ବିପିନ ନାୟକ, ଦିଲ୍ଲୀପ ପରିଡା, ଦ୍ୱିଜବର ବାଘଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ନଡ଼ିଆ ଭଙ୍ଗା ଯାଇ ମଣ୍ଡି ଉଦ୍‌ଘାଟନ କରାଯାଇଥିଲା। ପରେ ୨୨ ଜଣ ଚାଷୀଙ୍କଠାରୁ ୬୨୫ କ୍ୱିଣ୍ଟାଲ ଧାନ ମହିମା ରାଇସ ମିଲ୍ ଦ୍ୱାରା କିଣାଯାଇଥିଲା।

## ମା' ଲଙ୍କେଶ୍ୱରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ



ବଲଙ୍ଗା,୧୭।୧(ସମିସ): ବଲଙ୍ଗା ଥାନା ଅନ୍ତର୍ଗତ ମା' ଲଙ୍କେଶ୍ୱରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ରୌପ୍ୟ ଜୟନ୍ତୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ପ୍ରଦାନ, ଛାତ୍ରୀମାନଙ୍କୁ ସୁନାଗରିକ ଭାବେ ଗଢ଼ି ତୋଳିବା ପାଇଁ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ପରାମର୍ଶ ଦେଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡଃ. କୈଳାସ ଚନ୍ଦ୍ର ତ୍ରିପାଠୀ, ଏସ୍‌ସିବି ମେଡିକାଲ କଲେଜର ପ୍ରଫେସର ସରଜୁ ବିହାରୀ ପତି, ସମ୍ମାନିତ ଅତିଥି ରୂପେ ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ବରିଷ୍ଠ ଆଇନଜୀବୀ ସୁଧିର ମହାନ୍ତି ପ୍ରମୁଖ ଯୋଗଦେଇ ଉତ୍ତମ ଦେଶ ଗଠନରେ ଯୁବଛାତ୍ରୀ ସମାଜ ସାମିଲ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୋଜିତ କ୍ରୀଡ଼ା, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ବିଭିନ୍ନ ପ୍ରତିଯୋଗିତାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୃତୀ ଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର, ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଶେଷରେ ମହେଶ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ମାଡ଼ ଘଟଣା

# ଓଡ଼ିଆ ଅଧ୍ୟାପକ ବାନାମ୍ବର ନିଲମ୍ବିତ

**ନୟାଗଡ଼,୧୭।୧(ସମିସ)**

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ମାଡ଼ ଘଟଣାରେ ଓଡ଼ିଆ ଅଧ୍ୟାପକ ବାନାମ୍ବର ପୃଷ୍ଟିଙ୍କୁ ଆଜି ନିଲମ୍ବନ କରାଯାଇଛି। ଗତ ୩୦ ତାରିଖରେ ଅଧ୍ୟକ୍ଷ ବିପିନ କୁମାର ପଟ୍ଟନାୟକ ଓ ଓଡ଼ିଆ ଅଧ୍ୟାପକ ବାନାମ୍ବର ପୃଷ୍ଟିଙ୍କ ମଧ୍ୟରେ ବଚସା ହୋଇଥିଲା। ଏକ ଜରୁରୀ କାଗଜରେ ଓଡ଼ିଆ ଅଧ୍ୟାପକ ଅଧ୍ୟକ୍ଷଙ୍କ ଦସ୍ତଖତ ପକାଇଥିବା କାରଣରୁ ତାଙ୍କୁ ଓଡ଼ିଆ ବିଭାଗ ସଂଯୋଜକ ପଦରୁ ଅଧ୍ୟକ୍ଷ ବିଦା କରିଥିଲେ। ଯାହାକୁ ନେଇ ଓଡ଼ିଆ ଅଧ୍ୟାପକ ବଚସା କରିବା ସହ ଅଧ୍ୟକ୍ଷଙ୍କୁ

- ଗଡିଶ୍ୱର ଡିଗ୍ରୀ ମହାବିଦ୍ୟାଳୟରେ ହାଜିରା
- ପ୍ରତ୍ୟାହୃତ ହେଲା କର୍ମଚାରୀଙ୍କ ଆନ୍ଦୋଳନ



ଏକ ଶକ୍ତ ଚାପୁଡ଼ା ପକାଇଥିଲେ। ଏହାକୁ ନେଇ ଉକ୍ତ ଦିନ ଷ୍ଟାଫ କାଉନସିଲ ବୈଠକ ବସିବା ସହ ଘଟଣା ସମ୍ପର୍କରେ ଜିଲ୍ଲାପାଳ, ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରାଯାଇଥିଲା। ତା' ସହିତ ଅଧ୍ୟକ୍ଷ ଏହି ଘଟଣାକୁ ନେଇ ଥାନାରେ ଏତଲା ଦେଇଥିଲେ। ଟାଉନଥାନା ପୁଲିସ ମାମଲା ରୁଜୁ କରି ଓଡ଼ିଆ ଅଧ୍ୟାପକଙ୍କୁ ଥାନାରେ ହାଜର ପାଇଁ ନୋଟିସ କରିଥିଲେ। ଏହାକୁ ଅଣଦେଖା କରି ଅଧ୍ୟାପକ କୋର୍ଟରେ ଆତ୍ମସମର୍ପଣ କରି ଜାମିନ ପାଇଥିଲେ। ଘଟଣାକୁ ନେଇ ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଆସି ତଦନ୍ତ ମଧ୍ୟ କରିଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସହ ଆଲୋଚନା କରିବା ସହ ଓଡ଼ିଆ ଅଧ୍ୟାପକଙ୍କ ନାମରେ ରହିଥିବା ପୁରୁଣା ଅଭିଯୋଗକୁ ଶୁଣିଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନଥିବା ଅଭିଯୋଗ କରି ଗୁରୁବାରଠାରୁ ଶତାଧିକ କର୍ମଚାରୀ ଧାରଣା ଦେଇଥିଲେ। କର୍ମଚାରୀଙ୍କ ଦାବି ମୁତାବକ, ଜିଲ୍ଲା ପ୍ରଶାସନ ତୁରନ୍ତ ଗଭର୍ଣ୍ଣିଂ ବଡି ଗଠନ କରିଥିଲା। ଗଭର୍ଣ୍ଣିଂ ବଡି ଅଧ୍ୟକ୍ଷ ଭାବେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେ ଓଡ଼ିଆ ଅଧ୍ୟାପକ ବାନାମ୍ବର ପୃଷ୍ଟିଙ୍କୁ ନିଲମ୍ବନ କରିଛନ୍ତି। ଏହା ସହିତ ନିଲମ୍ବନ ସମୟରେ ନୂଆଗାଁ ବ୍ଲକ ମାଳିସାହି ଗଡିଶ୍ୱର ମହାବିଦ୍ୟାଳୟରେ ହାଜିରା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିନା ଅନୁମତିରେ ଜିଲ୍ଲା ଛାଡ଼ି ନଯିବା ପାଇଁ ନିର୍ଦ୍ଦେଶ ରହିଛି। ଓଡ଼ିଆ ଅଧ୍ୟାପକଙ୍କୁ ନିଲମ୍ବନ ପରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ କର୍ମଚାରୀଙ୍କ ଧାରଣା ପ୍ରତ୍ୟାହୃତ ହୋଇଛି।

## ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



**ଗଣିଆ,୧୭।୧(ସମିସ):** ଓଡ଼ିଶା ମିଲେଟ ମିଶନ ତରଫରୁ ଗଣିଆ ଉନ୍ନୟନ କମିଟି ସହଯୋଗରେ ଗଣିଆ ବ୍ଲକ ଅନ୍ତର୍ଗତ ବେଳପଡ଼ାପାଟଣା କୃଷି ସମବାୟ ସମିତି ପରିସରରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଗଣିଆ ଉନ୍ନୟନ କମିଟିର ସଭାପତି ଉଷା ପଟ୍ଟନାୟକଙ୍କ ତତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ସୁମନ ସିଂ ପଟ୍ଟନାୟକ ଯୋଗଦାନ କରିଥିବା ବେଳେ ଡିଏମଓ ଉମାକାନ୍ତ ବେହେରା, ଏଏମଓ ଶୁଭମ ତ୍ରିପାଠୀ, ଡିପିସି ଅମ୍ବିକା ଦତ୍ତ ଓ ଗଣିଆ ବ୍ଲକ କୃଷି ଅଧିକାରୀ ମୋନାଲିସା ବେହେରା, ଗଣିଆ ଉନ୍ନୟନ କମିଟିର ସଂପାଦକ ଆନନ୍ଦ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୫ ଜଣ ଚାଷୀଙ୍କଠାରୁ ମାଣ୍ଡିଆ ସଂଗ୍ରହ ହୋଇଥିବା ସୂଚନା ମିଳିଛି।

## ନାଟକ ମହୋତ୍ସବ ଉଦ୍‌ଘାଟିତ



**ନୟାଗଡ଼,୧୭ ।୧(ସମିସ):** ସ୍ଥାନୀୟ ପଠାଣି ସାମନ୍ତ ଅଡିଟୋରିୟମଠାରେ ଆରମ୍ଭ ହେଲା ନାଟକ ମହୋତ୍ସବ। ନୟାଗଡ଼ର ଅନନ୍ୟ ନାଟ୍ୟାନୁଷ୍ଠାନ ସିରିୟସ୍ ଜୋନ୍ ଦ୍ୱାରା ଆୟୋଜିତ ନାଟକ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ଇଂ. ଅଜୟ ମହାପାତ୍ର ପ୍ରମୁଖ ଯୋଗଦେଇ ନାଟକ ସମାଜକୁ ସଠିକ୍ ଦିଗଦର୍ଶନ ଦେବାରେ ସହାୟକ ହୁଏ ବୋଲି ମତ ରଖିଥିଲେ। ଏହି ଅବସରରେ ବହୁ ଚର୍ଚ୍ଚିତ ନାଟକ ବାଞ୍ଛ ମଞ୍ଚସ୍ଥ ହୋଇଥିଲା। ଇଂ ଅଜୟ ମହାପାତ୍ରଙ୍କ ଲିଖିତ ଏହି ଗପକୁ ନାଟ୍ୟରୂପ ଦେଇଥିଲେ କୈଳାସ ଚନ୍ଦ୍ର ଓଝା ଓ ନିର୍ଦ୍ଦେଶନା ଦେଇଥିଲେ ଯାମିନୀକାନ୍ତ ମିଶ୍ର। ସାମାଜିକ ରୀତିନୀତି ବ୍ୟବସ୍ଥା, ବିଚାରବୋଧ ଆଧାରିତ ଏହି ନାଟକର ସହ ନିର୍ଦ୍ଦେଶନା ଦାୟିତ୍ୱରେ ପ୍ରଶାନ୍ତ ସାମନ୍ତରାୟ ଥିଲାବେଳେ ଅଭିନୟରେ ଯାମିନୀ, ପବିତ୍ର, ରାମ, କମଳ, ଗତିକୃଷ୍ଣ, ଅମ୍ଲାନ, ଶିବାନୀ, ସୋନାଲି ଓ ଧରିତ୍ରୀ ଅଭିନୟ କରିଥିଲେ। ସଫଳତାର ସହ ନବମ ଥର ପାଇଁ ମଞ୍ଚସ୍ଥ ହୋଇଥିବା ଏହି ନାଟକ ଉଦ୍‌ଘାଟନୀ ସନ୍ଧ୍ୟାରେ ଖୁବ୍ ଭଲପାଇବା ସାଉଁଟିଥିଲା। ଦର୍ଶକ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ନାଟକକୁ ଉପଭୋଗ କରିବା ସହିତ କଳାକାରମାନଙ୍କୁ କରତାଳି ଦେଇ ଉତ୍ସାହିତ କରିଥିଲେ। ସିରିୟସ୍ ଜୋନ୍‌ର ଏହି ପ୍ରୟାସକୁ ନାଟ୍ୟପ୍ରେମୀମାନେ ଖୁବ୍ ପ୍ରଶଂସା କରିଛନ୍ତି।

## ବିଟିଏମ୍ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

# 'ଦୃଷ୍ଟି ବଦଳିଗଲେ ସୃଷ୍ଟି ବଦଳିଯିବ'



**ଭାପୁର,୧୭।୧(ସମିସ):** ଭାପୁର ବ୍ଲକ ପଦ୍ମାବତୀ ପଞ୍ଚାୟତ ହାଟୁଆରୀ ଗ୍ରାମରେ ପ୍ରତିଷ୍ଠିତ ବଳରାମ ତ୍ରିପାଠୀ ମେମୋରିଆଲ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଡ. ପବିତ୍ର ସୁବୁଦ୍ଧି ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ କହିଥିଲେ, ତୁମମାନଙ୍କ ଦୃଷ୍ଟି ବଦଳିଗଲେ ସୃଷ୍ଟି ବଦଳିଯିବ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଡ. ପବିତ୍ର କୁମାର ସୁବୁଦ୍ଧି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାନ୍ତି, ପ୍ରତିଷ୍ଠାତା ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର, ଦୁଇ ଜଣ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରିଣୀ ଜୟନ୍ତୀ ସାହୁ ଓ ମନୋରମା ମିଶ୍ର, ନଟବର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶ ଓ ପରିଚାଳନା କମିଟିର ସଭାପତି ବ୍ରହ୍ମାନନ୍ଦ ସାହୁ ଯୋଗ ଦେଇଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।

## 'ଜାତୀୟ ଶିକ୍ଷାନୀତି' ମଣ୍ଡଳସ୍ତରୀୟ ଆଲୋଚନାଚକ୍ର



**ଓଡ଼ଗାଁ,୧୭।୧(ସମିସ):** ଓଡ଼ଗାଁ ସରକାରୀ କଲ୍ୟାଣୀ ମଣ୍ଡପଠାରେ ଜାତୀୟ ଶିକ୍ଷାନୀତି-୨୦୨୦ ଶୀର୍ଷକ ମଣ୍ଡଳସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ୧୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରାଥମିକ ଶିକ୍ଷକ ସଂଘ ଓଡ଼ଗାଁ ବ୍ଲକ ସଭାପତି ନରେଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ନୟାଗଡ଼ ଜିଲ୍ଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ, ଓଡ଼ଗାଁ ବ୍ଲକ ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁ, ଅତିରିକ୍ତ ଶିକ୍ଷାଧିକାରୀ କମଳିନୀ ବେହେରା, ମହାସଚିବ ପ୍ରାଥମିକ ଶିକ୍ଷକ ସଂଘ ଓଡ଼ିଶା ଜ୍ୟୋତିରଞ୍ଜନ ଦାସ, ସମ୍ପାଦକ ପ୍ରାଥମିକ ଶିକ୍ଷକ ସଂଘ ନୟାଗଡ଼ ଭକ୍ତରଞ୍ଜନ ମିଶ୍ର, କ୍ୟାଡର ସଭାପତି ଜୟକୃଷ୍ଣ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚଳିତ ମାସ ଶେଷସୁଦ୍ଧା ୨୮ ଜଣ ଜୁନିୟର ଶିକ୍ଷକଙ୍କୁ ନିୟମିତ ଶିକ୍ଷକର ମାନ୍ୟତା ପ୍ରଦାନ କରାଯିବ ବୋଲି ଜିଲ୍ଲାପରିଷଦ ଅଧ୍ୟକ୍ଷ ଏବଂ ଜିଲ୍ଲା ଶିକ୍ଷାଧିକାରୀ ମଞ୍ଚରୁ ପ୍ରତିଶ୍ରୁତି ଦେଇଥିଲେ। ଓଡ଼ଗାଁ ବ୍ଲକର ୫ ଶହରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶିକ୍ଷକ ଲଳିତ ମୋହନ ମିଶ୍ର ଜାତୀୟ ଶିକ୍ଷାନୀତିର କାର୍ଯ୍ୟକାରିତା ସମ୍ପର୍କରେ ପ୍ରୋଜେକ୍ଟର ମାଧ୍ୟମରେ ସଚେତନ କରିଥିଲେ। ଜଣେ ଏବିଓ ଓ ୧୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ସିଆରସିସି ସଂଘ ସଭାପତି ଶ୍ରୀଧର ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷକ ଦିଲ୍ଲୀପ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ

# ସାଧାରଣ ବୈଠକ ଉପରେ ରୋକ ଲଗାଇଲେ ହାଇକୋର୍ଟ

**ଖଣ୍ଡପଡ଼ା,୧୭।୧(ସମିସ):** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଏନ୍ଏସିରେ ୨୦୨୨ ମସିହା ନିର୍ବାଚନ ପରଠାରୁ ବିଭିନ୍ନ ସମୟରେ ଅଧ୍ୟକ୍ଷା ଆରତୀ ପ୍ରଧାନ, କେତକ କାଉନସିଲର ଓ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ଶୁକ୍ରବାର ସାଧାରଣ ବୈଠକକୁ ନେଇ ରୋଚକ ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଖଣ୍ଡପଡ଼ା ଏନଏସିରେ ସାଧାରଣ ବୈଠକ ନେଇ ଗତ ୧୦ ତାରିଖରେ ଏକ ନୋଟିସ ଉପାଧ୍ୟକ୍ଷ ଓ ସମସ୍ତ କାଉନସିଲରଙ୍କୁ ଜାରି କରାଯାଇଥିଲା। ଏନ୍ଏସି ଉପାଧ୍ୟକ୍ଷ ମିହିର କୁମାର ମିଶ୍ରଙ୍କ ଅଭିଯୋଗ ଅନୁଯାୟୀ, ଗତବର୍ଷ ସେପ୍ଟେମ୍ବର ୨୭ରେ ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଲୋଚନା ସହ ଭୋଟିଂ ଶେଷ ହୋଇଥିଲା। ଏଥିରେ ଅଧ୍ୟକ୍ଷା ପଦଚ୍ୟୁତ ହୋଇଥିବା ବେଳେ କେଉଁ ନିୟମ ଆଧାରରେ ସେ ସାଧାରଣ ଅଧିବେଶନ ଡକାଇଛନ୍ତି ତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ଶ୍ରୀ ମିଶ୍ର ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଏଭଳି ବୈଠକ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। କୋର୍ଟ କହିଛନ୍ତି ଯେହେତୁ ପୂର୍ବରୁ ଅଧ୍ୟକ୍ଷାଙ୍କ ଅନାସ୍ଥା ପ୍ରସଙ୍ଗ ବିଚାରାଧୀନ ଅଛି ତେଣୁ ଏଭଳି କୌଣସି ବୈଠକ ଆୟୋଜନ କରାଯାଇ ପାରିବ ନାହିଁ। ଅନ୍ୟପକ୍ଷରେ ଗତକାଲି ଏହି ରାୟ ଦେବା ସହିତ ତୁରନ୍ତ ଜିଲ୍ଲା ପ୍ରଶାସନକୁ ମଧ୍ୟ ଏ ବାବଦରେ ନୋଟିସ କରିଥିଲେ। ସମାନଭାବେ ନୟାଗଡ଼ ଜିଲ୍ଲାପାଳ କୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ କରିବାକୁ ମଧ୍ୟ ଗତକାଲି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଯୋଗେ ସୂଚନା ଦେଇଥିଲେ। ମାତ୍ର ଆଜି ଅପରାହ୍ନରେ ବୈଠକ କରାଯିବାକୁ ନେଇ ଉପାଧ୍ୟକ୍ଷ ଓ କାଉନସିଲରମାନେ ତୀବ୍ର ପ୍ରତିବାଦ କରିଥିଲେ। ଏପରିକି କାର୍ଯ୍ୟନିର୍ବାହୀ ଅଧିକାରୀ ସରକାରୀ ଦଳର ହାତବାରିଶି ସାଜିଥିବା ଉପାଧ୍ୟକ୍ଷ ଶ୍ରୀ ମିଶ୍ର ସଙ୍ଗିନ ଅଭିଯୋଗ ଆଣିଛନ୍ତି। ସେହିପରି ବର୍ଷେ ତଳର ନୋଟିସ ଏବଂ ରିଜୋଲ୍ୟୁସନର ନକଲକୁ ଏବେ ଦିଆଯାଉଥିବା ନେଇ ମଧ୍ୟ ଅଭିଯୋଗ କରିଛନ୍ତି ଏକାଧିକ କାଉନସିଲର। କାଉନସିଲର ଓ ଉପାଧ୍ୟକ୍ଷଙ୍କ ହୋହଲ୍ଲା ପରେ ସାଧାରଣ ବୈଠକ ବାତିଲ କରାଯାଇଥିବା ନେଇ ଏନ୍ଏସି ପକ୍ଷରୁ ଚିଠି ଜାରି କରାଯାଇଥିଲା।

# ୨୬ରୁ ଗଣିଆ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ଗଣିଆ,୧୭।୧(ସମିସ):** ଗଣିଆସ୍ଥିତ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ସର୍ବଭାରତୀୟ ବିଜୟ ରାଉଳ ସ୍ମାରକୀ ଗଣିଆ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ମହାବୀର ସାଂସ୍କୃତିକ ପରିଷଦ, ଗଣିଆ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରର ବହୁ ନାମୀଦାମୀ ଦଳ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଆୟୋଜକ ଅନୁଷ୍ଠାନ ତରଫରୁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ୨୬ ତାରିଖରେ ଭଞ୍ଜନଗର ଏକାଡେମୀ ବନାମ ଯୁବଜ୍ୟୋତି କ୍ଲବ, କଟକ ମଧ୍ୟରେ ପ୍ରଥମ ଲିଗ୍ ମ୍ୟାଚ ଅନୁଷ୍ଠିତ ହେବ। ୨୭ରେ ଆନନ୍ଦ ଆଥଲେଟିକ ଆସୋସିଏସନ, ବାଗେଡ଼ିଆ, ଦେବଗଡ଼ ବନାମ ଗୋଲ୍ଡେନ ଏଫ୍ସି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ୧ମ ଓ ୨ୟ ଲିଗ୍ ମ୍ୟାଚର ବିଜେତାଙ୍କ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳ ୨୮ରେ ଅନୁଷ୍ଠିତ ହେବ। ସେହିପରି ୨୯ ତାରିଖରେ ଡାଇମଣ୍ଡ ଏଫ୍ସି, ଖୋର୍ଦ୍ଧା ବନାମ ଏକେ କ୍ଲବ ଅନୁଗୁଳ ମଧ୍ୟରେ ୩ୟ ଲିଗ ମ୍ୟାଚ ଅନୁଷ୍ଠିତ ହେବ। ୩୦ରେ ମେମରି ଏଫ୍ସି, କୋଲକାତା ବନାମ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ୪ର୍ଥ ଲିଗ ମ୍ୟାଚ ଅନୁଷ୍ଠିତ ହେବ। ୩ୟ ଓ ୪ର୍ଥ ଲିଗ ମ୍ୟାଚର ବିଜେତାଙ୍କ ମଧ୍ୟରେ ୨ୟ ସେମି ଫାଇନାଲ ଖେଳ ୩୧ ତାରିଖରେ ଅନୁଷ୍ଠିତ ହେବ। ଗ୍ରାଣ୍ଡ ଫାଇନାଲ ଫେବୃୟାରୀ ୧ ତାରିଖରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ଖଣ୍ଡପଡ଼ା,୧୭।୧(ସମିସ):** ଆସନ୍ତା ଜାନୁଆରୀ ୨୬ ତାରିଖରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟ ପରିସରରେ ତହସିଲଦାର ବିଶ୍ୱ ବିସ୍ତୃତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳ ମଧୁବନ କ୍ରୀଡାଙ୍ଗନରେ ସରକାରୀ ଓ ବେସରକାରୀ ସ୍କୁଲ କଲେଜର ଛାତ୍ରଛାତ୍ରୀ ଏହି ସାଧାରଣତନ୍ତ୍ର ଦିବସରେ ଯୋଗଦେବେ ବୋଲି ବୈଠକରେ ଆଲୋଚନା ହୋଇଥିଲା। ସାଧାରଣତନ୍ତ୍ର ଦିବସକୁ ସୁପରିଚାଳନା କରିବା ସହ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସମସ୍ତେ ସହମତି ପ୍ରକାଶ କରିଥିଲେ। ଆୟୋଜିତ ବୈଠକରେ ଅତିରିକ୍ତ ତହସିଲଦାର ସୋମେଶ କୁମାର ରଣ ବିଜୁଳି, ବରିଷ୍ଠ ସାମ୍ବାଦିକ ବିନୋଦ ମହାପାତ୍ର, ଶାନ୍ତି ଶେଖର ରଥ, ସମାଜସେବୀ ପ୍ରଦୀପ୍ତ କିଶୋର ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ସତ୍ୟ ନାରାୟଣ ବାରିକ, ମହେନ୍ଦ୍ର ବାରିକ, ରାମଚନ୍ଦ୍ର ଦାସ, ଅଧ୍ୟାପକ ଅଜିତ ବସନ୍ତରାୟ, କ୍ରୀଡ଼ା ଶିକ୍ଷକ ସତ୍ୟଜିତ ଦାଶଙ୍କ ସମେତ ତହସିଲ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ଓ ବହୁ ସାମ୍ବାଦିକ ଉପସ୍ଥିତ ରହି ନିଜର ମତାମତ ଦେଇଥିଲେ।

## ଶ୍ରୀରାମ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ

**ଖଣ୍ଡପଡ଼ା,୧୭।୧(ସମିସ):** ଖଣ୍ଡପଡ଼ା ବ୍ଲକ ଅଧୀନ ଗଡ଼ିଆସାହି ପଞ୍ଚାୟତ ପଥରଗଣ୍ଡ ଗ୍ରାମରେ ଶ୍ରୀରାମ ମନ୍ଦିର ଓ ବିଗ୍ରହଙ୍କ ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଗୁରୁବାର ଶୁଭ ଅଙ୍କୁରାରୋପଣ (ଅଧିବାସ) ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ପୂର୍ବାହ୍ନରେ ଆଖପାଖ ଅଞ୍ଚଳର ଶତାଧିକ ମହିଳା କୁଆଁରିଆ ନଦୀରୁ ଜଳ ଉଠାଇ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ କଳସ ଶୋଭାଯାତ୍ରାରେ ବାହାରି ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ଏହି ଉତ୍ସବ ତିନି ଦିନ ଜାରି ରହିବା ସହିତ ହୋମଯଜ୍ଞ, ଭଜନ ପରିବେଷଣ, ବାଦି ସଂକୀର୍ତ୍ତନ, ପୌରାଣିକ ନାଟକ ଏବଂ ପ୍ରତ୍ୟେକ ଦିନ ପ୍ରସାଦ ସେବନ କାର୍ଯ୍ୟକ୍ରମ ହେବ ବୋଲି ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି। ଶନିବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାବେଳେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯୋଗଦେବା ପାଇଁ ଗ୍ରାମବାସୀ ଜଣାଇଛନ୍ତି।

## ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ



**ରଣପୁର,୧୭।୧(ସମିସ):** ନୟାଗଡ଼ ଜିଲ୍ଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ୧୫ଟି ୱାର୍ଡର ସମସ୍ତ ୮୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ୮୦ ପ୍ରତିଶତ ବା ତତୁର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା' ମଣିନାଗସ୍ଥିତ କଲ୍ୟାଣୀମଣ୍ଡପଠାରେ ଯୋଗ୍ୟ ହିତାଧିକାରୀଙ୍କ ସହ ଭିନ୍ନକ୍ଷମମାନଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ଅର୍ବାନ ଅଫିସର ରଞ୍ଜନ କୁମାର ଦାସ ଏବଂ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ଏଥିରେ ୪୯ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ୧୪୫ ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି।

## ଦଶପଲ୍ଲା କପ୍ ଫୁଟବଲ୍: ସେମିରେ ବରଗଡ଼



**ଦଶପଲ୍ଲା,୧୭।୧(ସମିସ):** ଦଶପଲ୍ଲା ସ୍ପୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମଇଦାନରେ ଚାଲିଥିବା ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟବଲରେ ଅନ୍ତିମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ସରିଛି। ଆଜିର ଖେଳ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ ବରଗଡ଼ ଓ ନୂଆଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ, ବରଗଡ଼ ୨-୧ ଗୋଲରେ ବିଜୟ ଲାଭ କରିଥିଲା। ବୃତ୍ତଙ୍ଗ ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରକାଶ କୁମାର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳ ପରିଚାଳନା କରିଥିଲେ ଶ୍ୟାମ ସୁନ୍ଦର ସାହା। ଲାଇନ୍ସରେ ପ୍ରସନ୍ନ କୁମାର ନାୟକ, ଆଶୀର୍ବାଦ ସେନ ଓ ଫୋର୍ଥ ଅଫିସିଆଲରେ ଅଶୋକ କୁମାର ନାୟକ ସହଯୋଗ କରିଥିଲେ।

## ସର୍ବଭାରତୀୟ ନୟାଗଡ଼ କପ୍ ଫୁଟ୍‌ବଲ

# ଫାଇନାଲରେ ସମ୍ବଲପୁର ଏକାଡେମୀ

**ନୟାଗଡ଼,୧୭।୧(ସମିସ):** ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ନୟାଗଡ଼ କପ୍ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଉତ୍ତରପଲ୍ଲୀ ମିଳନ ସଂଘ କୋଲକାତା ଓ ସମ୍ବଲପୁର ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସମାଜସେବୀ ପ୍ରଦୀପ କୁମାର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରୋଟାରିଆନ୍ ଗୋଦାବରୀ ସାହୁ, ରଜତ ମହାପାତ୍ର, ମୁଥାଗାଡିଆ ସରପଞ୍ଚ ସୁଶାନ୍ତ ପ୍ରଧାନ, ସମିତି ସଭ୍ୟ ଦିଲ୍ଲୀପ କୁମାର ହାତି, ସମାଜସେବୀ ତାପସ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଉଭୟ ଦଳ ବେଶ୍ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ସମ୍ବଲପୁର ଏକାଡେମୀ ୧-୦ ଗୋଲରେ ବିଜୟ ଲାଭ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଶ୍ରେଷ୍ଠ ଖେଳାଳି ଭାବେ ସମ୍ବଲପୁର ଏକାଡେମୀର ଗୋଲ୍ କିପର ମିଥଙ୍ଗ ଦାଇନାରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ,



ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ଖେଳର ମୁଖ୍ୟ ରେଫରୀ ଭାବେ ରାଜୁ ମହାନ୍ତି, ସହାୟକ ରେଫରୀ ଭାବେ ଶଶିକାନ୍ତ ଦାସିଆ ଓ ଦେବରାଜ ସ୍ୱାଇଁ ପରିଚାଳନା କରିଥିଲେ। ଚତୁର୍ଥ ରେଫରୀ ଭାବେ ଜ୍ୟୋତି ରଞ୍ଜନ ସ୍ୱାଇଁ ପରିଚାଳନା କରିଥିବା ବେଳେ ମ୍ୟାଚ୍ କମିଶନର ଭାବେ ଆଲୋକ ଦାସ ଖେଳ ପରିଚାଳନା କରିଥିଲେ। ଆଜି ଖେଳର ଉଦ୍‌ଘୋଷକ ଭାବେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ଶେଖ ଅବଦୁଲ ଖାଲ୍ଲିକ, ପ୍ରଫେସର ଆଶୁତୋଷ ମିଶ୍ର ଓ ଭାଗିରଥି ପାସା ଯୋଗ ଦେଇଥିଲେ। ହଜାର ହଜାର ସଂଖ୍ୟକ ଦର୍ଶକ ଖେଳର ମଜା ଉଠାଇଥିଲେ। ଆସନ୍ତା ୧୯ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଫାଇନାଲ ମ୍ୟାଚ ସମ୍ବଲପୁର ଏକାଡେମୀ ଓ ମଙ୍ଗଳା କ୍ଲବ, କଟକ ମଧ୍ୟରେ ଅନୁଷ୍ଠିତ ହେବ। ଆସନ୍ତାକାଲି(ଶନିବାର) ମହିଳା ପ୍ରଦର୍ଶନୀ ମ୍ୟାଚ୍ କେନ୍ଦୁଝର ଓ କିଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ।

## ଖଲିସାହି କ୍ରିକେଟ କପ୍ ଉଦ୍‌ଯାପିତ

# ମେଣ୍ଢାଶାଳ ଇଗଲ୍ ସ୍ପୋର୍ଟିଂ ଚାମ୍ପିଅନ

**ଖଣ୍ଡପଡ଼ା,୧୭।୧(ସମିସ):** ଖଣ୍ଡପଡ଼ା ବ୍ଲକ ଖଲିସାହି ୨ୟ ବାର୍ଷିକ ଅନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ମେଣ୍ଢାଶାଳ କ୍ରିକେଟ କ୍ଲବ ବିଜୟୀ ହୋଇଛି। ଖଲିସାହି ୟୁନାଇଟେଡ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ମ୍ୟାଚ୍‌ରେ ମେଣ୍ଢାଶାଳ ୧୭ ରନ୍‌ରେ ବାଙ୍କି ପାୱାର କିଙ୍ଗକୁ ହରାଇ ଚାମ୍ପିଅନ ହୋଇଛି। ଟସ୍ ଜିତି ମେଣ୍ଢାଶାଳ ପ୍ରଥମେ ବ୍ୟାଟିଂ କରିବା ସହ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୯୮ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଙ୍କି ୨୦ ଓଭରରେ ୮ ୱିକେଟ ହରାଇ ୧୭୧ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ମେଣ୍ଢାଶାଳ ଦଳର ରାକେଶ ସାହୁ




୨୭ଟି ବଲରେ ୫ଟି ଛକା ଓ ୩ଟି ଚୌକା ସହାୟତାରେ ୫୭ ରନ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବାଙ୍କିର ସାଗର ବେହେରା ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସଭାପତି ଶରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଟ୍ରଫି ପ୍ରଦାନ କରିଥିଲେ। ଆଜିର ଖେଳକୁ ଦୀପକ କୁମାର ସାହୁ ଏବଂ ରବି ନାରାୟଣ ମିଶ୍ର ପରିଚାଳନା କରିଥିବା ବେଳେ ଶିକ୍ଷକ ଗୌରାଙ୍ଗ ଚରଣ ସେଠୀ ସ୍କୋରବୋର୍ଡ ଦାୟିତ୍ୱ ତୁଲାଇଥିଲେ। ସେହିପରି ଶ୍ରୀନିବାସ ଦଳେଇ ଓ ଦେବାଶିଷ ସାହୁ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ବିଜେତା ମେଣ୍ଢାଶାଳ ଦଳକୁ ଟ୍ରଫି ସହ ନଗଦ ୩୫ ହଜାର ଟଙ୍କା ଏବଂ ଉପବିଜେତା ବାଙ୍କୀ ଦଳକୁ ଟ୍ରଫି ସହ ନଗଦ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଆଜିର ଖେଳକୁ ପ୍ରାୟ ୫ ହଜାରରୁ ଅଧିକ ଦର୍ଶକ ଉପଭୋଗ କରିଥିଲେ।

## ଦେଶୀମଦ ଜବତ; ଅଭିଯୁକ୍ତ ଫେରାର୍

**ବେଗୁନିଆ,୧୭।୧(ସମିସ):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅବକାରୀ ବିଭାଗ ଇନ୍ସପେକ୍ଟର ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ଲାଠିପଡ଼ା ଗ୍ରାମରେ ଅତର୍କିତ ଭାବେ ଚଢ଼ଉ କରି ୭୫ ଲିଟର ଦେଶୀମଦ ସହ ଏକ ସ୍କୁଟି ଜବତ କରାଯାଇଛି। ବେଗୁନିଆ ଅବକାରୀ ଥାନା ଏସଆଇ ରାଜେନ୍ଦ୍ର ଖେସଙ୍କ ସୂଚନା ଅନୁଯାୟୀ, ସିପାହୀ ପୁରୁଷୋତ୍ତମ ପାଇକରାୟ ଓ ଚିନ୍ମୟ ସେଠୀଙ୍କ ସହ ଏକ ଟିମ୍ ଲାଠିପଡ଼ା ଗ୍ରାମରେ ଅତର୍କିତ ଭାବେ ଚଢ଼ଉ କରି ୭୫ ଲିଟର ଦେଶୀମଦ ଓ ବ୍ୟବହୃତ ଏକ ସ୍କୁଟିକୁ ଜବତ କରାଯାଇଛି। ଅନ୍ୟପକ୍ଷରେ ଅଭିଯୁକ୍ତ ଜଣକ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

## ଧର୍ମପରାୟଣ ମହିଳାଙ୍କ ପରଲୋକ

**ଟାଙ୍ଗୀ,୧୭।୧(ସମିସ):** ଟାଙ୍ଗୀ ବ୍ରାହ୍ମଣ ସାହିର ସ୍ୱର୍ଗତ ଆର୍ତ୍ତବନ୍ଧୁ ମହାନ୍ତିଙ୍କ ପତ୍ନୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରେମଲତା ମହାନ୍ତି (୮୮)ଙ୍କ ଗୁରୁବାର ପରଲୋକ ଘଟିଛି। ଗତକାଲି କଟକଠାରେ ତାଙ୍କର ଦେହାନ୍ତ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠପୁତ୍ର ରାଜ୍ୟ ପରିବହନ ବିଭାଗ ଯୁଗ୍ମ କମିଶନର ପ୍ରଦୀପ କୁମାର ମହାନ୍ତି ମୁଖାଗ୍ନି ଦେଇଥିଲେ। ପୁତ୍ର ଅଶ୍ୱିନୀ, ବିଜନ, ଜାମାତା ହିମାଂଶୁ ଭୂଷଣ ରଥ, ପ୍ରଦୀପ କୁମାର ପଟ୍ଟନାୟକ, ସାଶ୍ୱତ ପଟ୍ଟନାୟକ, ଓମକାର କୁମାର ମହାନ୍ତି, ସୁବାସ ଚନ୍ଦ୍ର ମହାନ୍ତି, ସୌମ୍ୟରଞ୍ଜନ ନାୟକ, ସ୍ୱରୂପ ପଟ୍ଟନାୟକ, ସୁଶୀଲ ମହାନ୍ତି ପ୍ରମୁଖ ପରିବାରବର୍ଗ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଟାଙ୍ଗୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମାଫିଆଙ୍କ ଭୂସ୍ୱର୍ଗ ଗୋବରଗାଡ଼ିଆ

## ଆବଶ୍ୟକତାଠାରୁ ଅଧିକ ଖୋଳାଯାଉଛି ଖଣି; ପ୍ରଶାସନ ନିରବ

**ଖୋର୍ଦ୍ଧା,୧୭।୧(ସମିସ):**

ଖୋର୍ଦ୍ଧା ଜିଲ୍ଲାରେ ବେଆଇନ ଭାବେ ପଥର ଖନନ ଓ ମାଙ୍କଡ଼ା ପଥର ଚୋରା ଚାଲାଣ ବଢ଼ିବାରେ ଲାଗିଛି। କିଛିଦିନ ତଳେ ଏନ୍‌ଜିଟି ଛାଟ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୋରଦାର ଧରପଗଡ଼ ଆରମ୍ଭ ହୋଇଥିଲା। ବେଆଇନ ଭାବେ ଚାଲାଣ ହେଉଥିବା ଲଘୁ ଖଣିଜ ପଦାର୍ଥ ଉପରୁ ଜରିମାନା ଆଦାୟ କରାଯାଇଥିଲା। ମାତ୍ର ଏବେ ପୁଣି ପ୍ରଶାସନ କୋହଳ ହୋଇପଡ଼ିଛି। ଫଳରେ ପ୍ରତିଦିନ ଜାତୀୟ ରାଜପଥରେ ରାତିରେ ଟ୍ରକ, ହାଇୱା ଯୋଗେ କଳା ମୁଗୁନି ପଥର, ମାଙ୍କଡା ପଥର ଓ ମୋରୋମ ଚୋରା ଚାଲାଣ ହେଉଛି। ପ୍ରଶାସନ, ପୁଲିସ ଓ ମାଫିଆଙ୍କ ମଧ୍ୟରେ



ମଧୁଚନ୍ଦ୍ରିକା ଯୋଗୁ ସରକାରଙ୍କ ବିପୁଳ ରାଜସ୍ୱ ହାନି ହେଉଥିବା ଅଭିଯୋଗ ହୋଇଛି।

ଶ୍ରୀମନ୍ଦିର ପ୍ରଶାସନର ପଥର ଖଣି ଉପରେ ମାଫିଆଙ୍କ ନଜର ରହିଛି। ଖୋର୍ଦ୍ଧାରେ ଶ୍ରୀମନ୍ଦିର ପ୍ରଶାସନର ୬୦ରୁ ଊର୍ଦ୍ଧ୍ୱ କଳାମୁଗୁନି ପଥର ଖଣି ରହିଛି। ସେହିପରି ମାଙ୍କଡା ପଥର ଓ ମୋରମକୁ ମିଶାଇ ୪୦ଟି ଖଣି ରହିଥିବା ଜିଲ୍ଲା ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାଯାଇଛି। କେତେକ ଖଣି ଲିଜ ଯାଇଥିଲେ ହେଁ ସଲାମି ଅର୍ଥ ଡିପୋଜିଟ ନହେବାରୁ ଉକ୍ତ ଖଣିକୁ ଖନନ ଅନୁମତି ନମିଳିଲେ ମଧ୍ୟ ସେଠାରୁ ମାଫିଆମାନେ ଚୋରା ଖନନ କରୁଛନ୍ତି। ଏପରିକି ଲିଜ୍ ଅନୁମତି ପାଇଥିବା ଖଣି ମଧ୍ୟ ଦିଆଯାଇଥିବା ପରିମାପଠାରୁ ଅଧିକ ଖନନ କରାଯାଉଛି। ଆବଶ୍ୟକତାଠାରୁ ଅଧିକ ଖନନ କରାଯାଉଥିବା ଅଭିଯୋଗ ହେଉଛି।

**ମାଫିଆ ମାଲେମାଲ; ରାଜସ୍ୱ ହରାଉଛନ୍ତି ସରକାର**

ସୂଚନା ଅନୁସାରେ, ଖୋର୍ଦ୍ଧା ତହସିଲ ଅଧୀନ ମଳିପଡା ମୌଜାରେ ଥିବା କଳାମୁଗୁନି ପଥର ଖଣି (ଖୁଆ ମୁଣ୍ଡିଆ)କୁ ଜନୈକ ବ୍ୟକ୍ତି ଗୋଟିଏ ପ୍ଲଟ ଲିଜ ଆଣିଥିବାବେଳେ ଉକ୍ତ ମୁଣ୍ଡିଆର ବାମ ଓ ଡାହାଣ ପାଶ୍ୱର୍ରେ କିଛି ମୁଷ୍ଟିମେୟ ତଥା ବେଆଇନ ଖଣିଖନନକୁ ନେଇ ବିଗତ ଦିନରେ କେଶ ଖାଇଥିବା ଲୋକଙ୍କ ସହଯୋଗରେ ପ୍ରାୟ ୧୦ ଏକରରୁ ଊର୍ଦ୍ଧ୍ୱ ଜମିରୁ କଳାମୁଗୁନୀ ପଥର ଲୁଟ ଚାଲିଛି। ଆବଶ୍ୟକତାଠାରୁ ଅଧିକ ଖନନ ହେଉଥିଲେ ମଧ୍ୟ ଏଦିଗ ପ୍ରତି ଶ୍ରୀମନ୍ଦିର କି ଜିଲ୍ଲା ପ୍ରଶାସନ ଧ୍ୟାନ ଦେଉନଥିବାରୁ ଦିନରାତି ଏଠାରେ ଖୁଲମ ଖୁଲା ବିନା 'ୱାଇ ଫର୍ମ'ରେ ଚୋରା ଚାଲାଣ ହେଉଛି ଶହ ଶହ ଟ୍ରିପ ହାଇୱା କଳାମୁଗୁନି। ଫଳରେ ପଥର ମାଫିଆ ଓ ଅସାଧୁ କର୍ମଚାରୀ ମାଲେମାଲ ହେଉଥିବାବେଳେ ପ୍ରଶାସନ ଏବଂ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ସେହିପରି ଗୋବରଗାଡିଆ ଅଞ୍ଚଳରେ ମଧ୍ୟ କଳାମୁଗୁନି ପଥର ଚୋରି କରୁଥିବା ଗୋଷ୍ଠୀ ସକ୍ରିୟ ହୋଇ କୁଜିନେତା ଓ ପ୍ରଶାସନର ଅସାଧୁ କର୍ମଚାରୀଙ୍କୁ ହାତ କରି ଏଠାରେ ମଧ୍ୟ ମାଙ୍କଡା ପଥର ଏବଂ ମୋରମ ରାତିତମାମ ଗାଡିରେ ବୁହା ଚାଲିଛି। ୱାଇ ଫର୍ମ କଥା କିଏ ପଚାରେ। ବିନା ଫର୍ମରେ ବାଟରେ ଅସାମାଜିକ ବ୍ୟକ୍ତିଙ୍କୁ ଜଗାଯାଉଛି। ଯେଉଁମାନେ ପୁଲିସ କି ପ୍ରଶାସନ ଗାଡି ଦେଖିଲେ ଫୋନ ଯୋଗେ ମାଫିଆଙ୍କୁ ଆଲର୍ଟ କରାଉଛନ୍ତି। ଫଳରେ ଖଣିରେ ଚଢାଉ ପୂର୍ବରୁ ମାଫିଆମାନେ ଖସିଯିବାରେ ସମର୍ଥ ହେଉଛନ୍ତି। ତେବେ ରାତିତମାମ ପଥର କଟା ଓ ମୋରୋମ ଖନନ ଚାଲିଛି। କାହା ଛତ୍ରଛାୟା ତଳେ ଏସବୁ କାରବାର ହେଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ



**ଖୋର୍ଦ୍ଧା,୧୭।୧(ସମିସ):** ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ସରକାରୀ ଉଚ୍ଚ ବିଦ୍ୟାଳୟର ୫୯ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ କୁମାରୀ ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଦସ୍ୟ ସନାୱାଲା ଖାଁ, ମୁଖ୍ୟବକ୍ତା ଭାବରେ ଏସଏମସି କମିଟିର ସଭାପତି ବୀଣାପାଣି ମାର୍ଥା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରିଥିଲେ। ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗଣିତ ଶିକ୍ଷୟିତ୍ରୀ ଅନିଶା ଶତପଥୀ ପରିଚାଳନା କରିଥିଲେ। ପରିଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବେଣୁଧର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କାଜୁ ଚାଷୀ ମହାସଂଘ ପକ୍ଷରୁ ତହସିଲ୍ ଘେରଉ

**ବୋଲଗଡ଼,୧୭।୧(ସମିସ):** କାଜୁ ଦଖଲ ଜମିକୁ ସ୍ଥାୟୀ ଲିଜ୍ ପଟ୍ଟା ଦାବିରେ ଆଜି ବୋଲଗଡ଼ ତହସିଲ କାଜୁ ଚାଷୀ ମହାସଂଘ ପକ୍ଷରୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଘେରଉ କରାଯାଇଛି। ମହାସଂଘ ପକ୍ଷରୁ ଗଗନ କୁମାର ନାୟକଙ୍କ ଆବାହକତ୍ୱରେ ଏହି ଘେରଉ କରାଯାଇଥିବା ବେଳେ ଏଥିରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ଅଖିଳ ଭାରତ କୃଷକ ସଭାର ରାଜ୍ୟ



ସମ୍ପାଦକ କ୍ଷୀରୋଦ ସିଂଦେଓ, ସିପିଆଇର ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଅମୀୟ କୁମାର ପଟ୍ଟନାୟକ, ସିପିଆଇର ବୋଲଗଡ଼ ଜୋନ୍ ସମ୍ପାଦକ ଲକ୍ଷ୍ମଣ ସେଠୀ, ଦିବାକର ପରମଗୁରୁ, ପୁରେନ୍ଦ୍ର ବେହେରା, ବିନୋଦ ବରାଡ଼, ପ୍ରଭାତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ କାଜୁ ଚାଷୀ ଏବଂ ସିପିଆଇ ନେତାମାନେ ଏକ ଶୋଭାଯାତ୍ରାରେ ଆସି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଘେରାଉ କରିଥିଲେ। କାଜୁ ଚାଷୀମାନେ ପ୍ରାୟ ୪୦ବର୍ଷ ଧରି କାଜୁଚାଷ କରି ନିଜର ପରିବାର ଚଳାଉଛନ୍ତି। ତେଣୁ କାଜୁ ଚାଷୀମାନଙ୍କୁ ସେମାନଙ୍କ କାଜୁ ଚାଷ କରୁଥିବା ଦଖଲ ଜମିକୁ ସ୍ଥାୟୀ ଲିଜ୍ ପଟ୍ଟା ପ୍ରଦାନ କରିବାକୁ ଦାବି ହେଉଛି ବୋଲି ସିପିଆଇ ନେତା ଅମୀୟ ପଟ୍ଟନାୟକ କହିଛନ୍ତି। ଭୂମିହୀନମାନଙ୍କୁ ତୁରନ୍ତ ଦଖଲ ଜମିରେ ଘରଡିହ ପଟ୍ଟା ପ୍ରଦାନ କରିବାକୁ ଦାବି ରହିଛି। ସେହିପରି ଏହା ସହିତ ସିପିଆଇର ବୋଲଗଡ଼ ଜୋନ୍ କମିଟି ପକ୍ଷରୁ ପାଞ୍ଚଦଫା ଦାବି କରାଯାଇଛି। ଅଦିନିଆ ବର୍ଷାରେ ବୋଲଗଡ଼ ତହସିଲ ଅଞ୍ଚଳର ସମସ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ସହିତ କୃଷି ଋଣ ଛାଡ଼ କରିବା, ଚାଷୀର ଉତ୍ପାଦିତ ସମସ୍ତ ଧାନକୁ ବିନା କଟନୀ ଛଟନୀରେ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ମୂଲ୍ୟରେ ମଣ୍ଡି ମାଧ୍ୟମରେ କ୍ରୟ କରିବା ଆଦି ଦାବି ରହିଛି। ଏନେଇ କାଜୁ ମହାସଂଘ ପକ୍ଷରୁ ଦଖଲରେ ଥିବା କାଜୁ ଜମି ପାଇଁ ସ୍ଥାୟୀ ଲିଜ ପଟ୍ଟା ପ୍ରଦାନ ଦାବିପତ୍ର ଏବଂ ସିପିଆଇ ପକ୍ଷରୁ ପାଞ୍ଚଦଫା ସମ୍ବଳିତ ଦାବିପତ୍ର ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୋଲଗଡ଼ ତହସିଲଦାର ଦାୟିତ୍ୱରେ ଥିବା ଦୀପ୍ତିମୟୀ ଶର୍ମାଙ୍କୁ ପ୍ରଦାନ କରାଯାଇଛି।

● ଶେଷହେଲା ଗଣନାକାରୀଙ୍କ ପ୍ରଶିକ୍ଷଣ

## ଆଜି ଚିଲିକାରେ ପକ୍ଷୀ ଗଣନା

**ବାଲୁଗାଁ,୧୭।୧(ସମିସ):** ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଓ ସିଡିଏ ଆନୁକୂଲ୍ୟରେ ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଜିଲ୍ଲାର ୧୧୬୫ ବର୍ଗ କିମି ପର୍ଯ୍ୟାପ୍ତ ସମଗ୍ର ଚିଲିକାରେ ଶନିବାର ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହେବ। ଏଥିଲାଗି ବିଭାଗ ତରଫରୁ ସମସ୍ତ ପ୍ରସ୍ତୁତି ସରିଛି। ଶୁକ୍ରବାର ଏନେଇ ବାଲୁଗାଁ ନିକଟସ୍ଥ ଚନ୍ଦ୍ରପୁଟସ୍ଥିତ ସିଡିଏ ଗବେଷଣା କେନ୍ଦ୍ରଗୃହରେ ଗଣନାକାରୀଙ୍କୁ ସବିଶେଷ ପ୍ରଶିକ୍ଷଣ ଦିଆଯାଇଛି। ଶିବିରରେ ରାଜ୍ୟ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଯୋଗଦେଇ ପକ୍ଷୀ ଗଣନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବମ୍ବେ ନ୍ୟାଚୁରାଲ୍ ହିସ୍‌ଟୋରି ଅଫ୍ ସୋସାଇଟିର ଡେପୁଟି ଡାଇରେକ୍ଟର ଡଃ. ସୁଜିତ ନରୱାଡେ, ପିସିସିଏଫ ପ୍ରେମ କୁମାର ଝା, ସିଡିଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମନୋଜ ଭି ନାୟର, ସିସିଏଫ୍ ବନ୍ୟପ୍ରାଣୀ ବିଭାଗ ବିକାଶ ରଞ୍ଜନ ଦାଶ,



ଚିଲିକା ବନ୍ୟପ୍ରାଣୀ ଡିଏଫଓ ଅମ୍ଲାନ କୁମାର ନାୟକ, ଏସ୍ ଏସିଏଫ୍ ସତାବ୍ଦୀ ମିଶ୍ର, ଏବଂ ଏସିଏଫ୍ ପ୍ରମୋଦ ସେଠୀ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ୨୧ଟି ଟିମ୍ ଗଣନା କାର୍ଯ୍ୟରେ ସାମିଲ୍ ହୋଇଥିବା ବେଳେ ୧୧୫ ଜଣ ଶିବିରରେ ପ୍ରଶିକ୍ଷଣ ନେଇଛନ୍ତି। ଏଥିରେ ୱାଇଲ୍ଡ ଓଡ଼ିଶା, ବମ୍ବେ ନ୍ୟାଚୁରାଲ୍ ହିସ୍‌ଟୋରି ଅଫ୍ ସୋସାଇଟି, ଓୟୁଏଟି, ସିଡିଏ କର୍ମଚାରୀ, ୱାଇଲ୍ଡ ଓଡ଼ିଶା, ଭେଟେନାରୀ ଅଧିକାରୀ, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ଛାତ୍ରଛାତ୍ରୀ ସାମିଲ୍ ହୋଇଛନ୍ତି। ପ୍ରତ୍ୟେକ ଗଣନାକାରୀ ଦଳକୁ ଗୋଟିଏ ଲେଖାଏଁ ଡଙ୍ଗା ସମେତ ୱାକିଟକି, ବାଇନାକୁଲାର, ଜିପିଏସ୍ ଓ ଡିଏସ୍‌ଏଫ୍ ଆଦି ଯୋଗାଇ ଦିଆଯାଇଥିବା ବେଳେ ପ୍ରତି ଟିମ୍‌ରେ ଅଭିଜ୍ଞ ପକ୍ଷୀ ବିଶାରଦଙ୍କ ସମେତ ୪-୫ ଜଣ ସହଯୋଗୀ ସାମିଲ ରହିଛନ୍ତି। ବାଲୁଗାଁ ରେଞ୍ଜରେ ୬ଟି ଟିମ୍, ସାତପଡ଼ା ୪, ରମ୍ଭା ୨, ଚିଲିକା ୧ଟି ଓ ଟାଙ୍ଗୀ ରେଞ୍ଜରେ ୮ଟି ଟିମ୍ ନିୟୋଜିତ ହୋଇଛନ୍ତି।

● ଅତ୍ରି ମକର ମହୋତ୍ସବର ଚତୁର୍ଥ ସନ୍ଧ୍ୟା

## 'ଇତିହାସକୁ ପୁନର୍ଜୀବିତ କରିଥାଏ ମହୋତ୍ସବ'

**ବେଗୁନିଆ,୧୭।୧(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରି ଉଷ୍ଣପ୍ରସ୍ରବଣ ପରିସରରେ ଆଜି ମକର ମହୋତ୍ସବ ଚତୁର୍ଥ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହୋତ୍ସବ କମିଟିର ସଭାପତି ତଥା ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଡଃ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି, ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟବକ୍ତା, ଜିଲ୍ଲା ସଦର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଅନିଲ କୁମାର ମହାନ୍ତି, ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି,



ବୋଲଗଡ଼ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ଉପାଧ୍ୟକ୍ଷ ରମେଶ ସାହୁ, ବୋଲଗଡ଼ ଏକ୍ସପ୍ରେସ ବ୍ରଜ ସୁବୁଦ୍ଧି, କବି ସତ୍ୟାନାଶ, ସମାଜସେବୀ ମଧୁସୂଦନ ସୁବୁଦ୍ଧି, କାଲଡ୍ରୀଇଣ୍ଡିଆ ରିଫାଇନାରିର ଉପାଧ୍ୟକ୍ଷ ରଞ୍ଜିତ ରାୟ, ମୁଖ୍ୟଯନ୍ତ୍ରୀ ସରୋଜ ମହନ୍ତ, ମ୍ୟାନେଜର ସ୍ୱରୂପ ସାହୁ, ଏସସିଏମ ଲକ୍ଷ୍ମୀ ନାରାୟଣ ମିଶ୍ର, ବୋଲଗଡ ବ୍ଲକର ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହୋତ୍ସବ ଇତିହାସକୁ ପୁନର୍ଜୀବିତ କରିଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କବୟିତ୍ରୀ ବାସନ୍ତୀ ମହାପାତ୍ରଙ୍କ ଲିଖିତ ପୁସ୍ତକ 'ଆସ ଫେରିଯିବା ପିଲା ଦିନକୁ' ଅତିଥିମାନେ ଉନ୍ମୋଚନ କରିଥିଲେ। ଓଡ଼ିଶୀ, ମଡର୍ଣ୍ଣ ଡ୍ୟାନ୍ସ ଓ ସମ୍ବଲପୁରୀ ସହ ଆଞ୍ଚଳିକ ପ୍ରତିଭାଙ୍କ ନୃତ୍ୟ ଓ ଗୀତ ଦର୍ଶକଙ୍କୁ ବିଭୋର କରିଥିଲା।

କନିଷ୍ଠ ଇନ୍‌ଟ୍ରା କ୍ଲବ୍ କ୍ରିକେଟ

## ଇଗଲ୍ କ୍ଲବ୍ ବିଜୟୀ

**ଖୋର୍ଦ୍ଧା,୧୭।୧(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ୍‌ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇନ୍‌ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବିଜେବି ହାଇସ୍କୁଲ ପଡିଆ ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଆନୁକୂଲ୍ୟରେ ଦ୍ୱିତୀୟ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ଇଗଲ କ୍ରିକେଟ କ୍ଲବ୍, ଗୁରୁଜଙ୍ଗ ବ୍ଲୁ ବାର୍ଡ କ୍ରିକେଟ କ୍ଲବକୁ ୪୪ ରନ୍‌ରେ ପରାସ୍ତ କରିଛି। ଇଗଲ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୦ ଓଭରରେ ୯ ୱିକେଟ୍ ହରାଇ ୨୩୨ ରନ କରିଥିଲା। ଦଳ ତରଫରୁ ଦିପ୍ତାନୁ ଦାସ ଅପରାଜିତ ୯୧ ରନ, ତୀର୍ଥଙ୍କର ସାହୁ ୬୦ ରନ ଓ ଯସବନ୍ତ ପ୍ରଧାନ ୨୫ ରନ ସଂଗ୍ରହ କରିଥିଲେ। ବ୍ଲୁ ବାର୍ଡ କ୍ରିକେଟ କ୍ଲବ ପକ୍ଷରୁ ଆଶୁତୋଷ ସିଂ ୩ଟି ଓ ସିତେଶ ବାରିକ ୨ଟି ୱିକେଟ୍ ନେଇଥିଲେ। ଜବାବରେ ବ୍ଲୁ ବାର୍ଡ ଦଳ ୩୨.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୮୮ ରନ୍‌ରେ ସୀମିତ ରହିଥିଲା। ଦଳ ତରଫରୁ ରୁଦ୍ର ମଲ୍ଲିକ ୮୮ ରନ, ଆଶୁତୋଷ ସିଂ ୨୭ ରନ ଓ ବିସ୍ମୟ ସାହୁ ୨୩ ରନ ସଂଗ୍ରହ କରିଥିଲେ। ଇଗଲ କ୍ଲବ୍ ତରଫରୁ ତୀର୍ଥଙ୍କର ସାହୁ ୩ଟି ଓ ଦୀପ୍ତାଂଶୁ ଦାସ ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ଆଜିର ଖେଳକୁ ପ୍ରୀତିରଞ୍ଜନ ବିଜୟସିଂ ଓ ଅବଦୁଲ ରହିମ ଖାନ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱରେ ଥିଲେ। ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରୀ ଭାବେ ଓ ରୋହିତ ରଞ୍ଜନ ରାୟ ଏବଂ ଦେବପ୍ରସାଦ ସାମନ୍ତରାୟ ଏହି ମ୍ୟାଚ୍‌ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ।



## ଜନକଲ୍ୟାଣ ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ



ଜଟଣୀ,୧୭।୧(ସମିସ): ଜଟଣୀର ଅଗ୍ରଣୀ ତଥା ପୁରାତନ ସାମାଜିକ ଅନୁଷ୍ଠାନ ଜନକଲ୍ୟାଣ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ୫୦ରୁ ଅଧିକ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଟ୍ରଷ୍ଟର ଅଧ୍ୟକ୍ଷ ନବୀନ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା କ୍ରମେ ମୁଖ୍ୟ ଅତିଥି ଭାବେ ଭଏସ ଅଫ୍ ମିଡିଆର ରାଜ୍ୟ ସଭାପତି ସାମ୍ବାଦିକ ପ୍ରଭାତ ମିଶ୍ର, ମୁଖ୍ୟବକ୍ତା ଭାବେ ସମାଜସେବୀ ତ୍ରିଲୋଚନ ପ୍ରଧାନ, ଶୁଭ ଖବରର ସଂପାଦକ ଶୁଭଙ୍କର ମହାପାତ୍ର, ଭଏସ ଅଫ ମିଡିଆର ଜିଲ୍ଲା ସଭାପତି ଧନେଶ୍ୱର ବିଧାର, ରାଜ୍ୟ ଉପସଭାପତି ଟି ବାଲାଜି ପାତ୍ର, ସୋମନାଥ ବାଲୁଙ୍କେଶ୍ୱର ଦେବ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପସଭାପତି ହରପ୍ରସାଦ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲା ବେଳେ ସଂଗଠନ ସଂପାଦକ ଜିତେନ୍ଦ୍ର ନାୟକଙ୍କ ସମ୍ପାଦନା କ୍ରମେ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ସମାଜସେବୀ ତଥା ଅଧ୍ୟାପକ ଡ.ସୁଶାନ୍ତ ରାଉତ, ସାମ୍ବାଦିକ ଧୀରେନ ପ୍ରତିହାରୀ, ସମାଜସେବିକା ସାବିତ୍ରୀ ରେଡି, ଶ୍ରଦ୍ଧା କିନ୍ନର, ଶିଶୁ ଶିଳ୍ପୀ ଶୁଭମ୍ ପରମାଣିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଟ୍ରଷ୍ଟର ସଦସ୍ୟ ବିଭୁ ମହାନ୍ତି, ସଞ୍ଜୟ ଜେନା, ପଦ୍ମଚରଣ ପରମାଣିକ, ନୀଲୁ ପଟ୍ଟନାୟକ, ମହେଶ୍ୱର ସାହୁ, ମାନସ ରଥ, ସାମ୍ବାଦିକ ବେଣୁଧର ବରାଳ, ଏମ୍ ଡି ସାଜନ୍ ସହଯୋଗ କରିଥିଲେ। ସଂଯୋଜିକା ସନ୍ଧ୍ୟାରାଣୀ ପରମାଣିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଦାବରୀଶ ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ




**ବାଣପୁର,୧୭ ।୧(ସମିସ):** ଗୋଦାବରୀଶ ମହାବିଦ୍ୟାଳୟ ଦର୍ଶନ ବିଭାଗ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିନାୟକ ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଧ୍ୟାତ୍ମିକ ଗୁରୁ ସନ୍ଦିପନୀ, ମୁଖ୍ୟ ବକ୍ତା ଭାବେ ବାଲୁଗାଁ ମହାବିଦ୍ୟାଳୟ ଦର୍ଶନ ବିଭାଗର ମୁଖ୍ୟ ଡ. କୈଳାଶ ଚନ୍ଦ୍ର ମହାରଣା, ସମ୍ମାନିତ ଅତିଥି ଭାବେ ନୂଆଦିଲ୍ଲୀରୁ ସେଟ୍ରୁୟୁର ସମ୍ପାଦକ ଡ. ଶ୍ରୀବାସ୍ତବ ଏବଂ ଡ. ବିଜୟ କୁମାର ଯୋଗ ଦେଇଥିଲେ। ଯୁକ୍ତ ଦୁଇ ଅଧ୍ୟକ୍ଷ ଲକ୍ଷ୍ମୀ ପ୍ରସାଦ ମିଶ୍ର ଓ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ବୈରାଗୀ ଚରଣ ବଳ ସ୍ୱାମୀଜୀଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିବା ସହ ସ୍ୱାମୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଉପଦେଶ ଦେଇଥିଲେ। ଦର୍ଶନ ବିଭାଗ ଅଧ୍ୟାପିକା ଅନୀତା ଦଳେଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାଣପୁର ଓ ବାଲୁଗାଁ ଶାଖା ତରଫରୁ ଅଜୟ ଦାସ ଓ ସୁକାନ୍ତ ଜେନାଙ୍କ ସମେତ ବହୁ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଅଧ୍ୟାପକ ଅଶ୍ୱିନୀ ବାରିକ ଧନ୍ୟବାଦ ଦେଇଥିଲେ।

## ସର୍ବଭାରତୀୟ ସଖା ସଂଘ ଫୁଟ୍‌ବଲ

# ଫାଇନାଲରେ ଭୁବନେଶ୍ୱରର କିଶୋର କ୍ଲବ୍

**ନିରାକାରପୁର,୧୭।୧(ସମିସ)**

ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସଖା ସଂଘ କ୍ରୀଡ଼ା ସଂସଦ ତରଫରୁ ଚାଲିଥିବା ୩୧ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଆଜିର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ କିଶୋର କ୍ଲବ୍, ଭୁବନେଶ୍ୱର ୨-୦ ଗୋଲରେ ମରାଠା ଫୁଟବଲ୍ ଏକାଡେମୀ, ଭଞ୍ଜନଗରକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ କିଶୋର କ୍ଲବ ଭୁବନେଶ୍ୱର ପ୍ରଥମାର୍ଦ୍ଧର ୨ ମିନିଟ ପରେ ଗୋଟିଏ ଗୋଲ ଓ ଦ୍ୱିତୀୟାର୍ଦ୍ଧର ୨୫ ମିନିଟ, ୩୫ ମିନିଟ ପରେ ଆଉ ଦୁଇଟି ଗୋଲ୍ ଦେଇ ମରାଠା ଫୁଟବଲ୍ ଏକାଡେମୀ, ଭଞ୍ଜନଗରକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳକୁ ଶିବ ସାମନ୍ତରାୟ, ଏମ୍‌ଏସ ବେଗ, ସୁକାନ୍ତ କୁମାର ପ୍ରଧାନ ଓ ଓମ୍ ପ୍ରକାଶ ମିଶ୍ର , ଅକ୍ଷୟ



କୁମାର ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

ଏହି ଅବସରରେ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ପୂର୍ବତନ ଜିଲ୍ଲାପରିଷଦ ସଭାପତି ରାମଚନ୍ଦ୍ର ମହାପାତ୍ର, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, କଂଗ୍ରେସର ଯୁବନେତା ବିଶ୍ୱଭୂଷଣ ଛୋଟରାୟ, ବିଜୟ କୁମାର ରାଉତରାୟ, କ୍ରୀଡାବିତ୍ ମନୋଜ କୁମାର ମାନସିଂହ, ଅବସରପ୍ରାପ୍ତ କ୍ୟାପଟେନ ବିଜୟ କୁମାର ବଳିଆରସିଂହ ଓ କଂଗ୍ରେସ ନେତା ରାମଚନ୍ଦ୍ର ରଣସିଂହ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଟ୍ରଫି ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କମଳ ଲୋଚନ ପ୍ରଧାନ ଓ ପ୍ରଶାନ୍ତ କୁମାର ପାଟ୍ଟଶାଣୀ ମଞ୍ଚ ପରିଚାଳନା କରିଥିଲେ। ସଭାପତି ବିପିନ କୁମାର ଜୟସିଂହ ସଭାପତିତ୍ୱ କରିଥିବାବେଳେ ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର କୁମାର ରାଉତରାୟ, ଉପସଭାପତି ଶ୍ୟାମସୁନ୍ଦର ପଟ୍ଟନାୟକ, ପ୍ରକାଶ କୁମାର ବଳିଆରସିଂହ, ସମ୍ପାଦକ ଭାଗିରଥି ପ୍ରଧାନ, କୋଷାଧ୍ୟକ୍ଷ ହରିହର ସିଂହ, ଉପଦେଷ୍ଟା ମହେଶ୍ୱର ବେହେରା, ଦିଗମ୍ବର ବଳିଆରସିଂହ, ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ମିଶ୍ର, ଦୀପକ କୁମାର ପ୍ରଧାନ, ହିମାଂଶୁ ଭୂଷଣ ଚମ୍ପତିରାୟ ପ୍ରମୁଖ ସହଯୋଗ କରିଥିଲେ। ରବିବାର କିଶୋର କ୍ଲବ, ଭୁବନେଶ୍ୱର ଓ ହିନ୍ଦୁସ୍ତାନ ହିରୋଜ ଫୁଟବଲ ଏକାଡେମୀ, କୋଲକାତା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଶନିବାର ନିରାକାରପୁର ଅଞ୍ଚଳର ଯୁବ ଓ ଭେଟରାନ୍ ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଶେଷରେ ମହିଳା ଟିମ୍ ବିଡାନାସୀ, କଟକ ଓ ମହିଳା ଟିମ୍ ଆଡୋର ଫୁଟବଲ୍ ଏକାଡେମୀ, କଟକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

